Weekly Multilingual
ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182 Rs - 5.00
ଭାଗ:୨, ସଂଖ୍ୟା: ୦୮, ଭୁବନେଶ୍ୱର, ଜାନୁୟାରୀ ୬-୧୨, ୨୦୨୫, Vol: 2, Issue: 08, Bhubaneswar, January 06-12, 2025 Pages- 8

# ସଉରା ଜନଜାତି : ଏକ ସମୃଦ୍ଧ ସଂସ୍କୃତି

**ଓଡିଶାରେ ସଉରା ଜନଜାତିର ଐତିହ୍ୟ, ସଂସ୍କୃତି, ପରମ୍ପରା, ସମସ୍ୟା ଓ ଜୀବନଶୈଳୀକୁ ନେଇ ଏକ ଆଲୋକପାତ କରିଛନ୍ତି**

*- ପ୍ରଦୀପ ଗମାଙ୍ଗୋ ଓ ଡଃ ଶୁଭ୍ରମୟ ନାୟକ*

ଓଡ଼ିଶାରେ ଆଦିବାସୀ ସମ୍ପ୍ରଦାୟର ଏକ ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ଜୀବନଶୈଳୀ ରହିଛି । ଏହି ସମ୍ପ୍ରଦାୟମାନେ ଶତାବ୍ଦୀ ଧରି ରାଜ୍ୟରେ ବସବାସ କରି ଆସୁଛନ୍ତି ଏବଂ ଏହାର ବିବିଧ ସାଂସ୍କୃତିକ ଐତିହ୍ୟରେ ଯୋଗଦାନ କରୁଛନ୍ତି । ଏଠାରେ ଓଡ଼ିଶାର ସଉରା ଜନଜାତି ସମ୍ପ୍ରଦାୟ ବିଷୟରେ କିଛି ଆଲୋକପାତ କରାଯାଇଛି । ଓଡ଼ିଶାର ସଉରା ଜନଜାତି ଅଧିକାଂଶ ରାୟଗଡା ଏବଂ ଗଜପତି ଜିଲ୍ଲାରେ ଦେଖିବାକୁ ମିଳିଥାଏ । ଆନ୍ଧ୍ରପ୍ରଦେଶ, ମଧ୍ୟ ପ୍ରଦେଶ, ଝାଡ଼ଖଣ୍ଡ ଓ ଆସାମରେ କିଛି ଲୋକ ମାନେ ଦାଦନ ଖଟିବାକୁ ଯାଇ ସେଠାରେ ବସବାସ କରି ବାସିନ୍ଧା ହୋଇ ରହି ଆସୁଛନ୍ତି ।

ଗିଡିଗିଡି ସିତା ପାନ୍ତୁଲୁ ରାମ୍ମୁର୍ତି ୧୯୩୬ ମସିହାରେ ସଉରା ମାନୁଏଲ ଲେଖିଥିଲେ । ସେତେବେଳେ ୩୦ ପ୍ରକାର ସଉରା ଜନଜାତି ଦେଖାଯାଉ ଥିଲା ଏବେ ତାହା ୧୨ ପ୍ରକାରର ଦେଖାଯାନ୍ତି । ସଉରା ସମ୍ପ୍ରଦାୟ ଲୋକମାନେ ବିଭିନ୍ନ ନାମରେ ଜଣାଶୁଣା ଯେମିତିକି ଲାଞ୍ଜିଆ ସଉରା, ଯଡୁ ସଉରା, ଜୁରାଇ ସଉରା, ମନେ ସଉରା, କାମ୍ପୁ ସଉରା, ଆର୍ସି ସଉରା, କିଂସେଡ ସଉରା, ଇମାନୀ ସଉରା, ସାରଦା ସଉରା, କୁଡୁମ୍ବା ସଉରା, ଟାଂକଲା ସଉରା, କନ୍ଧ ସଉରା । ଲାଞ୍ଜିଆ ସଉରା ଏହାର ସାଂସ୍କୃତିକ ଐତିହ୍ୟ ଏବଂ ଅନନ୍ୟ ପରମ୍ପରା ପାଇଁ ପ୍ରସିଦ୍ଧ ।ଏହି ସମ୍ପ୍ରଦାୟ ଲୋକଙ୍କର ରୀତିନୀତି, ବିଶ୍ୱାସ ଏବଂ କଳାତ୍ମକ ଅଭିବ୍ୟକ୍ତିର ଏକ ସମୃଦ୍ଧ ଅଛି, ଯାହାକି ସଂରକ୍ଷିତ ହୋଇ ପିଢ଼ି ପରେ ପିଢ଼ି ମଧ୍ୟ ରହିଆସିଛି । ଆଧୁନିକ ଯୁଗରେ ମଧ୍ୟ ସେମାନେ ସେମାନଙ୍କର ପରମ୍ପରାକୁ ଭୁଲି ନାହାନ୍ତି ।

**ପାରମ୍ପାରିକ ପୋଷାକ ଏବଂ ଚିତ୍ରକଳା ।**

ସେମାନଙ୍କର ପାରମ୍ପରିକ ପୋଷାକ ଦ୍ୱାରା ସଉରା ଜନଜାତି ସହଜରେ ଚିହ୍ନିତ ହୁଏ । ସମ୍ପ୍ରଦାୟର ସଦସ୍ୟମାନେ ସେମାନଙ୍କର ପୃଥକ ଭାବରେ ପୋଷାକ ଢାଞ୍ଚା, ସେମାନଙ୍କର ଅଳଙ୍କାର, ଏବଂମହିଳା ମାନେ ପାରମ୍ପାରିକ ଟାଟୁ ମାର୍କ ଦ୍ୱାରା ସୁସଜ୍ଜିତ କରିଥାନ୍ତି ଏହା ଏ ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଯେତେବେଳେ ମହିଳାମାନେ



ନିଜକୁ ଉଜ୍ଜ୍ୱଳ, ରଙ୍ଗୀନ ସାଜରେ ନିଜକୁ ସଜାନ୍ତି ଗୋଡ଼ରେ ପିତଳ କିମ୍ବା ରୁପା ଧାତୁରୁ ନିର୍ମିତ ଅଳଙ୍କାର ସାଧାରଣତ ପିନ୍ଧାଯାଏ, ଯାହା ସେମାନଙ୍କର ସ୍ୱତନ୍ତ୍ର ରୂପକୁ ଯୋଡିଥାଏ ।

**ଚିତ୍ର କଳା (ଇଡିତାଲ୍)**

ସଉରା ଚିତ୍ରଗୁଡ଼ିକୁ ଘରର କୁଢ କାନ୍ଥରେ, ବାଜୁବନ୍ଧ ବା ଏରୁଣ୍ଡିରେ ରଙ୍ଗ ଦେଇ ବିଭିନ୍ନ ପ୍ରକାରର ଚିତ୍ର କରିଥାନ୍ତି ଏହା ସେମାନଙ୍କର ପୂର୍ବ ପିତୃ ପୁରୁଷନାମରେ ବା ମୂଖ୍ୟ ଦେବତା ଇଡିଟାଲ୍ ଉତ୍ସର୍ଗ କରାଯାଇଥାଏ ।

ଏହି ଚିତ୍ର ଇଡିତାଲ ଆଙ୍କଲା ବେଳେ ତିନି ଦିନ ପୁର୍ବରୁ ସ୍ତ୍ରୀ ସହ ପୃଥକ ରହି ଉପବାସରେ ରହି ଚିତ୍ର କରୁଥିଲେ । ଏହି ଚିତ୍ରଗୁଡ଼ିକ ଆଦିବାସୀ ଲୋକନୃତ୍ୟ ଉପରେ ଆଙ୍କିଥାଏ, ଏହା ସଉରା ରୀତିନୀତିର ଗୁରୁତ୍ୱ



ବହନ କରେ ।

ଚିତ୍ରଗୁଡ଼ିକର ପୃଷ୍ଠଭୂମି ନାଲି କିମ୍ବା ଧଳା ରଙ୍ଗର କରାଯାଏ । ଏହା ପ୍ରାକୃତିକଭାବରେ ପ୍ରସ୍ତୁତ ହୋଇଥାଏ ଯାହା କୋମଳ ବାଉଁଶ , ପିତମାରୀ ଦାନ୍ତକାଠି, ଖଜୁରୀ ବାହୁଙ୍ଗାରେ ନିର୍ମିତ ତୁଳି ଭାବରେ ବ୍ୟବହାର କରି ରଙ୍ଗ କରାଯାଇଥାଏ । ପ୍ରାକୃତିକ ଧଳା ରଙ୍ଗ, ଚାଉଳ ଚୁନା ଏବଂ ଭୂତଳ ଧଳା ପଥର, ରଙ୍ଗ ମାଟି ଏବଂ କିଛି ଗଛର ମଞ୍ଜି, ଫୁଲ ଏବଂ ପତ୍ରର ନିର୍ବାହର ମିଶ୍ରଣରୁ ବ୍ୟବହାର କରାଯାଇଥାଏ । ସଉରା ସଂସ୍କୃତିର ଏକ ଚମତ୍କାର ଦିଗ ହେଉଛି ସେମାନଙ୍କର କଳା ପାରମ୍ପାରିକ ହସ୍ତଶିଳ୍ପ ଜଟିଳ ଢାଞ୍ଚା ଏବଂ ଡିଜାଇନ୍ ସହିତ ଜଡିତ, ପ୍ରାୟତଃ ଦୈନନ୍ଦିନ ଜୀବନ, ପ୍ରକୃତି ଏବଂ ଧାର୍ମିକ ପ୍ରତୀକଗୁଡ଼ିକୁ ଚିତ୍ରଣ କରିଥାଏ । ସଉରାର କଳା କେବଳ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଅଭିବ୍ୟକ୍ତି ନୁହେଁ ବରଂ କାହାଣୀ ଏବଂ ସାଂସ୍କୃତିକ ଦଲିଲର ଏକ ମାଧ୍ୟମ ।

**ଆଧ୍ୟାତ୍ମିକ ବିଶ୍ୱାସ ଏବଂ ଅଭ୍ୟାସ ।**

ସଉରା ଲୋକମାନଙ୍କର ଆଧ୍ୟାତ୍ମିକ ଜୀବନ ପ୍ରକୃତି ସହିତ ଗଭୀର ଭାବରେ ଜଡିତ । ଗଛ, ପଥର, ନଦୀ ଝରଣା ଏବଂ ପର୍ବତ , ସୂର୍ଯ୍ୟ, ଚନ୍ଦ୍ର, ତାରା ପରି ପ୍ରାକୃତିକ ଉପାଦାନରେ ଆତ୍ମାଙ୍କ ଉପସ୍ଥିତିରେ ବିସ୍ୱାସ କରି ସେମାନେ ପ୍ରକୃତିକୁ ପୁଜା କରନ୍ତି,ପ୍ରକୃତି ସହିତ ଏହି ସଂଯୋଗ ସେମାନଙ୍କ ରୀତିନୀତି ଏବଂ ସମାରୋହରେ ପ୍ରତିଫଳିତ ହୋଇଛି, ଯାହା ସନୋମ ମାନଙ୍କ ଦ୍ୱାରା ପରିଚାଳିତ, କେତେକ ଉତ୍ତମ, କିଛି ନିରପେକ୍ଷ ଏବଂ କିଛି ଦୁଷ୍କର୍ମକାରୀ ଇଡାଇ ସୁମ୍ (ଇଷ୍ଟ ଦେବତା)ଉତ୍ତମ ନିରପେକ୍ଷ, ରାତୁ ସୁମ୍ , ଚୋର, କାନି ସୁମ୍, ଲବ୍ଧ ସୁମ୍ (ଦୁଷ୍କର୍ମକାରୀ) ଚୋର ଏ ମାନେ ଗୋଟେ ଗୋଟେ ଅତୃତ୍ୱ ଆତ୍ମାକୁ କୁହାଯାଏ । ସାଧାରଣତ ପ୍ରସୂତୀ ମାଆ ଅକାଳେ ମୃତ୍ୟୁ,



ମର୍ଡର, ଗଛରୁ ପଡ଼ି, ସାପ ଦଂଶନ ମୃତ୍ୟୁ, ଏହି ଆଧ୍ୟାତ୍ମିକ ନେତାମାନେ, ପୁଟୁଣୀ (ତେଡୁଙ୍ଗ) ଭୁୟା ପୂଜା କରିବ, କଳସୀ ପ୍ରାୟତଃ ମହିଳାମାନେ, ଆତ୍ମାଙ୍କ ସହ ଯୋଗାଯୋଗ କରିବା, ରୋଗ ଭଲ କରିବା ଏବଂ ସମାଜ ପାଇଁ ମାର୍ଗଦର୍ଶନ କରିବା ପାଇଁ ରୀତିନୀତି କରନ୍ତି । ପୁଟୁଣୀ (ତେଡୁଙ୍ଗ) ଦୁଇ ପ୍ରକାର ୧. ଧନୁରେ ୨. କୁଲା ବ୍ୟବହାର କରି କରାଯାଏ ।

ବୋଧହୁଏ କୌଣସି ଜନଜାତି ନାହାଁନ୍ତି, ଯାହାର ଏପରି ଜଟିଳ ଧାର୍ମିକ ବିଶ୍ୱାସ ଏବଂ ଅଭ୍ୟାସ ଅଛି । ସେମାନେ ଭୟ ଏବଂ ଚିନ୍ତା ସହିତ ଉପାସନା କରନ୍ତି ଏବଂ ଲୋକଙ୍କ ସୁରକ୍ଷା ଏବଂ କଲ୍ୟାଣ ପାଇଁ ବଳି ଉତ୍ସର୍ଗ କରନ୍ତି । ଧର୍ମ ସେମାନଙ୍କ ଜୀବନର ସମସ୍ତ ଦିଗକୁ ବ୍ୟାପିଥାଏ । ସୋନମ୍ ବା ସନ୍ନାମ୍ ହେଉଛି ସଉରା ଦେବତା ଏବଂ ଆତ୍ମାମାନଙ୍କର ସାଧାରଣ ନାମ । ସେମାନଙ୍କର ସର୍ବୋପରି ଦେବତା ବିଷୟରେ କୌଣସି ଧାରଣା ନାହିଁ । ବିଭିନ୍ନ ସ୍ଥାନରେ ବିଭିନ୍ନ ଦେବତାଙ୍କୁ ସମ୍ମାନ ଦିଆଯାଏ, ଏବଂ ଏହି ଦେବତାମାନଙ୍କର ଏକ ମାନକ ତାଲିକା ଥାଇପାରେ । ଅବଶ୍ୟ, ନୂତନ ଦେବତା ଯୋଡାଯିବା ସହ ପୁରାତନ ଭୁଲିଯିବା ହେତୁ ତାଲିକା ସର୍ବଦା ବଦଳିଥାଏ, ତଥାପି ସେମାନଙ୍କ ପରିବେଶର ପ୍ରତ୍ୟେକ ଦିଗ ଏହି ବା ଅଧିକ ଦେବତାଙ୍କ ସହିତ ସଂଯୁକ୍ତ, ଦେବତାମାନେ ରଚନା, କାର୍ଯ୍ୟ, ଚରିତ୍ର ଏବଂ ପ୍ରକୃତିରେ ପରସ୍ପରଠାରୁ ଭିନ୍ନ ଅଟନ୍ତି ତେଣୁ କେତେକ ଉତ୍ତମ, କିଛି ନିରପେକ୍ଷ ଏବଂ କିଛି ଦୁଷ୍କର୍ମକାରୀ ।

**ପର୍ବ ଏବଂ ଉତ୍ସବ**

ଉତ୍ସବଗୁଡିକ ସଉରା ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଉତ୍ସବଗୁଡିକ ପ୍ରାୟତ କୃଷି ଚକ୍ର,କୃଷି ହେଉଛି ମୁଖ୍ୟ ବୃତ୍ତିଏବଂ ଏହା ଆଧ୍ୟାତ୍ମିକ ବିଶ୍ୱାସ ସହିତ ଜଡିତ । ଅମଳ ଋତୁକୁ ଚିହ୍ନିତ କରୁଥିବା ନୂଆଖିଆ (କାନ୍ଧଲ) ପର୍ବ ହେଉଛି ଅନ୍ୟତମ । ଏହା ସାମ୍ପ୍ରଦାୟିକ ଆନନ୍ଦର ଏକ ସମୟ, ଭୋଜି, ନୃତ୍ୟ, ଏବଂ ରୀତିନୀତି ଦ୍ୱାରା ଚିହ୍ନିତ ହୋଇ ପ୍ରଚୁର ଅମଳ ପାଇଁ ଆତ୍ମାମାନଙ୍କୁ ଧନ୍ୟବାଦ ଦେବା ।

୧. ବୁରୈଇ ଅବ୍ଡୁର ୨. ଗାନାଇ ଅବ୍ଡୁର ୩. କୋଡେମ୍ ଅବ୍ଡୁର ୪. କୋରୋଇ ଅବ୍ଡୁର ୫. ରଗ ଅବ୍ଡୁର ୬. ଉଡା ଅବ୍ଡୁର ଏହି ପର୍ବ ସମୟରେ, ସମ୍ପ୍ରଦାୟ ଏକତ୍ରିତ ହୋଇ ପାରମ୍ପାରିକ ନୃତ୍ୟ ଏବଂ ଗୀତ ପରିବେଷଣ କରି ସେମାନଙ୍କର ସାଂସ୍କୃତିକ ପରିଚୟ ଏବଂ ନିଜର ଭାବନାକୁ ନିଶ୍ଚିତ କରେ । ଜନଜାତିର ରୀତିନୀତି ପ୍ରାୟତ ନୃତ୍ୟ



ଏବଂ ସଙ୍ଗୀତ ସହିତ ଜଡିତ, ଯାହା ସେମାନଙ୍କର ସାଂସ୍କୃତିକ ଅଭିବ୍ୟକ୍ତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ପର୍ବ-ପର୍ବାଣି, ବିବାହ, ନିଜ ନିଜର କର୍ମ କ୍ଷେତ୍ର ତଥା ବଗଡ କାମ ସାରି ସନ୍ଧ୍ୟା ସମୟରେ ଘରକୁ ଫେରି ଗୀତ ନାଚରେ ସମୟ ବିତାନ୍ତି ସେମାନେ ମରଣ ବେଳେ ମଧ୍ୟ ଗୀତ ନୃତ୍ୟରେ ବିଦାୟ ଦିଅନ୍ତି । ଏହା ଗୁରୁତ୍ୱପୂର୍ଣ୍ଣ ସମାରୋହରେ ପରିବେଷିତ ସଉରା ନୃତ୍ୟ ହେଉଛି ସେମାନଙ୍କର ସାଂସ୍କୃତିକ ଐତିହ୍ୟର ଏକ ଜୀବନ୍ତ ପ୍ରଦର୍ଶନ ଡ୍ରମ୍ , ବଂଶୀ, ସାରଙ୍ଗୀ , ଡାମ୍ଫ୍ , ତାମକା , ଢେଙ୍କା , ମହୁରୀ , ସିଙ୍ଗାରୁଡି , ବାଦ୍ୟ ଯନ୍ତ୍ର ବଜାଯାଇଥିବା ପାରମ୍ପାରିକ ସଂଗୀତ ସହିତ ଏହି ନୃତ୍ୟ ସମ୍ପ୍ରଦାୟର ଆନନ୍ଦ ଏବଂ ସେମାନଙ୍କ ପରମ୍ପରା ପ୍ରତି ସମ୍ମାନ ପ୍ରଦର୍ଶନ କରେ । (ପୃଷ୍ଠା-୩)



## ସଂ ପା ଦ କୀ ୟ

# ନୀତିଶ୍‌ଙ୍କ ପାଇଁ ବିପଦ ଘଣ୍ଟି !

ବିହାରରେ ତେଜୁଛି ଛାତ୍ର ଆନ୍ଦୋଳନ ତାତି । ବିହାର ଲୋକସେବା ଆୟୋଗ ବା ବିପିଏସସି ପରୀକ୍ଷା ରଦ୍ଦ କରିବା ଦାବିକୁ ନେଇ ଗତ ଦୁଇ ସପ୍ତାହ ହେଲା ପଟନାରେ ଆନ୍ଦୋଳନରେ ବସିଛନ୍ତି ପରୀକ୍ଷାର୍ଥୀ । ରବିବାର ମୁଖ୍ୟମନ୍ତ୍ରୀ ଆବାସ ଘେରାଉ କରିବାକୁ ଯିବା ବେଳେ ପରୀକ୍ଷାର୍ଥୀଙ୍କ ଉପରେ ଲାଠିଚାର୍ଜ ପରେ ଆହୁରି ସରଗରମ ହୋଇଛି ରାଜନୀତି । ଜନସୁରାଜ ପାର୍ଟି ମୁଖ୍ୟ ପ୍ରଶାନ୍ତ କିଶୋରଙ୍କ ଆହ୍ୱାନରେ ହିଁ ପରୀକ୍ଷାର୍ଥୀ ସିଏମ ଆବାସ ଘେରାଉ କରିବାକୁ ଯାଇଥିବା କୁହାଯାଉଛି । ସେପଟେ ଆରଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ପରୀକ୍ଷାର୍ଥୀଙ୍କ ସମର୍ଥନରେ ବାହାରିଛନ୍ତି । ବିରୋଧୀଙ୍କ ଟାର୍ଗେଟରେ ରହିଛନ୍ତି ନୀତିଶ କୁମାର । ଆଗକୁ ନିର୍ବାଚନ ଥିବା ବେଳେ ବିପିଏସସି ପରୀକ୍ଷାର୍ଥୀଙ୍କ ଆନ୍ଦୋଳନ ବିହାର ରାଜନୀତିର କେନ୍ଦ୍ର ପାଲଟିଛି । ବିପିଏସସି ପରୀକ୍ଷାରେ ଅନିୟମିତତାକୁ ନେଇ ବିରୋଧୀ ଆରଜେଡି ଓ ଜନସୁରାଜ ପାର୍ଟିର ଟାର୍ଗେଟରେ ରହିଛନ୍ତି ନୀତିଶ କୁମାରଙ୍କ ସରକାର। ନୀତିଶ ଥକ୍କି ସାରିଲେଣି, ଅବସରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ରାଜ୍ୟ ଚଳାଉଛନ୍ତି । ନୀତିଶଙ୍କ ଇସାରାରେ ହିଁ ପରୀକ୍ଷାର୍ଥୀଙ୍କୁ ଲାଠି ମାଡ କରାଯାଇଥିବା ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି । ଛାତ୍ର ଆନ୍ଦୋଳନ ବେଳେ ଲାଠିଚାର୍ଜକୁ ନିନ୍ଦା କରିବା ସହ ନୀତିଶ କୁମାର ହୋଶରେ ନଥିବା ସେ କହିଛନ୍ତି । ଏଥିସହ ପୁଣି ପରୀକ୍ଷା କରାଇବାକୁ ତେଜସ୍ୱୀ ଦାବି କରିଛନ୍ତି। ନିର୍ବାଚନ ରଣନୀତିକାର ତଥା ଜନସୁରାଜ ପାର୍ଟି ମୁଖ୍ୟ ପ୍ରଶାନ୍ତ କିଶୋର ତ ଛାତ୍ରଙ୍କ ସହ ଆନ୍ଦୋଳନରେ ସାମିଲ ହୋଇଥିଲେ। ପିକେଙ୍କ କହିବାରେ ହିଁ ଗାନ୍ଧୀ ମଇଦାନରୁ ମୁଖ୍ୟମନ୍ତ୍ରୀ ଆବାସ ଯାଏଁ ଆକ୍ରୋଶ ମାର୍ଚ୍ଚ ବାହାରିଥିଲା । ତେବେ ସେ ଲାଠିଚାର୍ଜ ପୂର୍ବରୁ ହିଁ ଆନ୍ଦୋଳନ ଛାଡି ଚାଲିଯାଇଥିବା ଆରଜେଡି ଅଭିଯୋଗ କରୁଛି । ବିପିଏସସି ପରୀକ୍ଷାର୍ଥୀଙ୍କୁ ପପୁ ଯାଦବ ବି ସମର୍ଥନ କରିଛନ୍ତି। ବିହାର ନିର୍ବାଚନ ପୂର୍ବରୁ ଛାତ୍ର ଆନ୍ଦୋଳନକୁ ଅସ୍ତ୍ର କରି ନୀତିଶଙ୍କୁ ଟାର୍ଗେଟ୍ କରିବାର ମଉକା ଛାଡୁନାହାନ୍ତି ବିରୋଧୀ । ଅଖିଳ ଭାରତୀୟ ଉଚ୍ଚତର ଶିକ୍ଷା ସର୍ବେକ୍ଷଣ ବା ଏଆଇଏସଏଚଆଇ ୨୦୧୬-୧୭ ତଥ୍ୟ ଅନୁସାରେ ବିହାରରେ ୧୮ରୁ ୨୩ବର୍ଷ ମଧ୍ୟରେ ଜନସଂଖ୍ୟା ପ୍ରାୟ ୧କୋଟି ୧୪ଲକ୍ଷ । ତେଣୁ ଚାକିରି ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀ ଆନ୍ଦୋଳନରେ ପ୍ରଭାବିତ ହେବେ । କେବଳ ପରୀକ୍ଷାର୍ଥୀ ନୁହଁନ୍ତି ସେମାନଙ୍କ ପରିବାର ଲୋକଙ୍କର ବି ଅସନ୍ତୋଷ ରହିବ । ଆଗକୁ ନିର୍ବାଚନ ଥିବା ବେଳେ ଏହାର ପ୍ରଭାବ ଭୋଟ୍ ଉପରେ ବି ପଡିପାରେ । ପରୀକ୍ଷା ଠିକ୍ ଭାବେ ପରିଚାଳନା କରିନପାରିବା ନେଇ ବିହାର ସରକାରଙ୍କ ଉପରେ ପ୍ରଶ୍ନ ଉଠିବ । ବିରୋଧୀ ଏହାର ଭରପୁର ଫାଇଦା ନେବାକୁ ଉଦ୍ୟମ ବି କରୁଛନ୍ତି । ବିପିଏସସି ପରୀକ୍ଷାର୍ଥୀଙ୍କ ଆନ୍ଦୋଳନକୁ ନେଇ ବିହାର ସରକାର ବ୍ୟାକଫୁଟରେ ରହିଛନ୍ତି । କୁହାଯାଉଛି, ଛାତ୍ର ଆନ୍ଦୋଳନକୁ ଠିକ୍ ଭାବେ ହ୍ୟାଣ୍ଡେଲ କରି ପାରିଲେନି ସରକାର । ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ପରେ ପୂରା ଶାସନତନ୍ତ୍ର ଏହାକୁ ଖାରଜ କରିବାରେ ଲାଗିପଡିଲେ । ପରେ କୁହାଗଲା, ବାପୁ ସଭାଗାର ଏକ କେନ୍ଦ୍ରରେ ହିଁ ଅନିୟମିତତା ହୋଇଛି । ସେଠାରେ ପରୀକ୍ଷା ରଦ୍ଦ କରିବାକୁ ଘୋଷଣା କରାଗଲା । ଫଳରେ ଅସନ୍ତୋଷ ଆହୁରି ବଢିବା ସହ ବିରୋଧୀଙ୍କ ପାଇଁ ସୁଯୋଗ ସୃଷ୍ଟି ହେଲା। ଆରଜେଡି ଲଗାତର ବେକାରୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଟାର୍ଗେଟ୍ କରିଆସୁଥିବା ବେଳେ ବିପିଏସସି ପରୀକ୍ଷାର୍ଥୀଙ୍କ ଆନ୍ଦୋଳନ ନୀତିଶ ସରକାର ବିରୋଧରେ ବିରୋଧୀଙ୍କ ପାଇଁ ବଡ ପ୍ରସଙ୍ଗ ପାଲଟିଛି । ଗତ ଡିସେମ୍ବର ୧୩ତାରିଖରେ ବିପିଏସସି ପରୀକ୍ଷା ହୋଇଥିଲା । ପଟନାର ବାପୁ ସଭାଗାରରେ ଆୟୋଜିତ ପରୀକ୍ଷାରେ ପ୍ରଶ୍ନପତ୍ର ଦେବାରେ ବିଳମ୍ବ ଓ ପ୍ରଶ୍ନପତ୍ର ଲିକକୁ ନେଇ ପରୀକ୍ଷାର୍ଥୀ ହଙ୍ଗାମା କରିଥିଲେ । ପ୍ରଶ୍ନପତ୍ରର କିଛି ପ୍ରଶ୍ନ ଘରୋଇ କୋଚିଂ ସେଣ୍ଟରର ମଡେଲ୍ ପ୍ରଶ୍ନପତ୍ର ସହ ମେଳ ଖାଉଥିବା ଅଭିଯୋଗ ହୋଇଥିଲା । ତେଣୁ ପରୀକ୍ଷା ରଦ୍ଦ କରି ପୁଣି ପରୀକ୍ଷା କରାଇବାକୁ ଦାବି କରିଥିଲେ ପରୀକ୍ଷାର୍ଥୀ । ଏହା ସହ ପ୍ରଶ୍ନପତ୍ର ଲିକ୍ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାକୁ ନେଇ ଛାତ୍ର ଆନ୍ଦୋଳନ ତୀବ୍ର ହୋଇଥିବା ବେଳେ ରାଜନୀତି ବି ବଢିଛି । ଯାହା ନୀତିଶ ସରକାର ପାଇଁ ବିପଦ ଘଣ୍ଟି ହୋଇପାରେ ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସାମାଜିକ ବନ୍ୟ ପ୍ରକଳ୍ପର ଭାଗ୍ୟ !

**ଶରତ କୁମାର ରାଉତ**

କ୍ରମେ ଓଡ଼ିଶାରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାବେଳେ ସରକାର ଓ ପରିବେଶବିତ୍ ମାନେ ନିରବ ରହୁଥିବା ଚିନ୍ତାର ବିଷୟ ହୋଇଛି। ସ୍ୱାଧୀନତା ପ୍ରାପ୍ତି ବେଳେ ଉପକୂଳବର୍ତ୍ତୀ ପ୍ରାୟ ୯ କି.ମି.ସ୍ଥଳ ଭାଗ ପର୍ଯ୍ୟନ୍ତ ବିସ୍ତାରିତ ଘଞ୍ଚ ଅରଣ୍ୟ ବର୍ତ୍ତମାନ ଧ୍ୱଂସ ପାଇଛି। ଅବିଭକ୍ତ କୋରାପୁଟ୍, ଢେଙ୍କାନାଳ, ସମ୍ବଲପୁର, ମୟୁରଭଞ୍ଜ, କଳାହାଣ୍ଡି ଓ କେନ୍ଦୁଝର ଜିଲ୍ଲାରେ ଦିଗନ୍ତ ବିସ୍ତାର ଘଞ୍ଚ ଜଙ୍ଗଲ ଆଉ ନାହିଁ। ଏହି ଅବସ୍ଥା ଆମ ପାଇଁ ପରୋକ୍ଷରେ ଅଭିଶାପ ହୋଇଛି। ଖୁବ୍ ଶୀଘ୍ର ଆମେ ଭୟାବହତାର ସିଧା ସାମ୍ନା କରିବା, ଏଥିରେ ସନ୍ଦେହ ନାହିଁ। ସାଂପ୍ରତିକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ, ମହାବାତ୍ୟା, ଅସମୟରେ ଖରା, ଅନିୟମିତ ବର୍ଷା, ଶୀତ ଆଦି ଏହାର ପରିଣତି ହୋଇଛି। ଆଉ କ୍ରମଶଃ ବୃଦ୍ଧି ପରିବେଶ ପ୍ରଦୂଷଣର ଏହା ମୂଳ କାରଣ ହୋଇଛି। ଏପରିକି ଯେତେବେଳେ ଭାରତରେ ଆଦିମ କାଳର ଘଞ୍ଚ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିଲା, ସେତେବେଳେ ପରିବେଶ ପ୍ରଦୂଷଣର ଭୟାବହତାକୁ ଭାରତ ସରକାରଙ୍କ ଅପେକ୍ଷା ଅନ୍ତର୍ଜାତୀୟ ସ୍ତରରେ ବେଶୀ ଅନୁଭବ କରାଯାଇଥିଲା। ଯଦିଓ ୧୯୭୬ରେ ଭାରତ ସରକାରଙ୍କ ଜାତୀୟ କୃଷି ଆୟୋଗଙ୍କ ଦ୍ୱାରା ଜଙ୍ଗଲ ରକ୍ଷା ଓ ଜଙ୍ଗଲ ଆକାର ବୃଦ୍ଧି ପାଇଁ 'ସାମାଜିକ ବନ୍ୟ ପ୍ରକଳ୍ପ'ର ପରିକଳ୍ପନା କରା ଯାଇଥିଲା, ହେଲେ ଏହାର ସଠିକ୍ କାର୍ଯ୍ୟକାରୀତା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇନଥିଲା। ପରିବେଶ ସୁରକ୍ଷା, କୃଷି ପାଇଁ ସ୍ୱାଭାବିକ ପାଣିପାଗ, ଜାଳେଣି ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ, ବନ୍ୟପ୍ରାଣୀ ସୁରକ୍ଷା, ମୃର୍ତ୍ତିକା ସଂରକ୍ଷଣ, ପ୍ରାକୃତିକ ସୌନ୍ଦର୍ଯ୍ୟ, କର୍ମ ନିଯୁକ୍ତି ଯୋଗାଣ, ଲୋକମାନଙ୍କ ଜୀବନ ଧାରଣ ମାନରେ ବୃଦ୍ଧି କରିବା ଆଦି ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ଥିଲା। ମୋଟ ଉପରେ ବୃକ୍ଷ ରୋପଣ ଦ୍ୱାରା ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରାଯାଇ ସାଧାରଣ ଲୋକଙ୍କୁ ଉପକୃତ କରାଇବା, ଜଙ୍ଗଲକୁ ଧ୍ୱଂସ ମୁଖରୁ ରକ୍ଷା କରି ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କର ଆବଶ୍ୟକତା ପୂରଣ କରିବା ଥିଲା ଏହି ପ୍ରକଳ୍ପର ଲକ୍ଷ୍ୟ। ଏଥିପାଇଁ ଜଙ୍ଗଲ ନିକଟସ୍ଥ ଗ୍ରାମବାସୀଙ୍କ ପାଇଁ କୃତ୍ତିମ ଜଙ୍ଗଲ ସୃଷ୍ଟି କରାଯାଇ ଜାଳେଣୀ କାଠ ଯୋଗାଇବାର ବ୍ୟବସ୍ଥା ହୋଇଥିଲା। ଜଙ୍ଗଲ ଓ ପରିବେଶ ସୁରକ୍ଷା ନିମିତ୍ତ କାର୍ଯ୍ୟକୁ ମନେ ରଖିବା ପାଇଁ ଦେଶରେ 'ବନମହୋତ୍ସବ', 'ପରିବେଶ ଦିବସ', 'ବନ୍ୟପ୍ରାଣୀ ଦିବସ' ଆଦି ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଏହି କ୍ରମରେ ୧୯୮୧ରୁ ବିଭିନ୍ନ ରାଜ୍ୟରେ ଆରମ୍ଭ ହୋଇଥିଲା ସାମାଜିକ ବନ୍ୟ ପ୍ରକଳ୍ପ କାର୍ଯ୍ୟକ୍ରମ। ସୁସ୍ଥ ପରିବେଶର ପକ୍ଷଧର ସୁଇଡ଼େନ୍ ସରକାର ଭାରତର ପରିବେଶ ପ୍ରଦୂଷଣକୁ ରୋକିବା ଜନିତ କାର୍ଯ୍ୟ ପାଇଁ ଆଗେଇ ଆସିଥିଲା। ଆଉ ଓଡ଼ିଶାକୁ ନିଜର ଲକ୍ଷ୍ୟସ୍ଥଳ ଭାବରେ ବାଛି ନେଇଥିଲା। ଏହା ୧୯୮୪ ମସିହା ଜାନୁୟାରୀ ମାସର କଥା। ତେବେ ସୁଇଡ଼େନ୍ ସରକାରଙ୍କ ପ୍ରତିନିଧି, ଓଡ଼ିଶା ସରକାର, ଜଙ୍ଗଲ ବିଭାଗ ଅଧିକାରୀ, ପରିବେଶ ବିଜ୍ଞାନୀ ଓ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ବ୍ୟାପକ ବିଚାର ବିମର୍ଶ ହୋଇଥିଲା ଓ ସୁଇଡ଼େନ୍ ସରକାର ଏହି କାର୍ଯ୍ୟକ୍ରମ ପାଇଁ ୩୦୦ କୋଟି ଟଙ୍କା ବ୍ୟୟ କରିବାକୁ ଚୁକ୍ତିବଦ୍ଧ ହୋଇଥିଲା। ଫଳ ସ୍ୱରୂପ ଓଡ଼ିଶାରେ ଆରମ୍ଭ ହୋଇଥିଲା ବହୁ ପ୍ରତିକ୍ଷୀତ "ସାମାଜିକ ବନ୍ୟ ପ୍ରକଳ୍ପ" କାର୍ଯ୍ୟକ୍ରମ। ରାଜ୍ୟର ପ୍ରାୟ ଦେଢ ଲକ୍ଷ ହେକ୍ଟର ଜଙ୍ଗଲ ପାଖ ପଡ଼ିଆ ଜମି ଏହି ପ୍ରକଳ୍ପରେ ସ୍ଥାନ ପାଇଥିଲା। ଏଥିରେ ପ୍ରାୟ ୧ଲକ୍ଷ ହିତାଧିକାରୀଙ୍କୁ ଉପକୃତ କରାଇବାର ବ୍ୟବସ୍ଥା ରହିଥିଲା। ୫ବର୍ଷ ମଧ୍ୟରେ ଏହି ଉଦ୍ଦେଶ୍ୟ ପୂରଣ ହେବାର ଲକ୍ଷ୍ୟଧାର୍ଯ୍ୟ ଥିଲା। ଏଥିପାଇଁ ସୁଇଡ଼େନ୍ ସରକାର ୧୯୮୪ ମାର୍ଚ୍ଚ-ଏପ୍ରିଲ୍‌ରେ ପ୍ରଥମ କିସ୍ତୀ ଆକାରରେ ୨୭ କୋଟି ଟଙ୍କା, ୧୯୮୭-୮୮ରେ ୨୦୦ କୋଟି ଟଙ୍କା ଓ ୧୯୯୧- ୯୨ରେ ଅବଶିଷ୍ଟ ଟଙ୍କା ଏହି ପ୍ରକଳ୍ପରେ ବିନିଯୋଗ କରିଥିଲା। ପ୍ରକଳ୍ପର ସୁପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ନିର୍ଦ୍ଧାରଣ କରାଯାଇଥିଲା। ରାଜ୍ୟ ପ୍ରିନ୍ସିପାଲ୍ ସିସିଏଫ୍ ଙ୍କ ଦ୍ୱାରା ପରିଚାଳିତ ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ୧୯୮୪ରେ ରାଜ୍ୟରେ ପ୍ରଥମେ ୬ଟି ଡ଼ିଭିଜନ୍ ଗଠନ କରାଯାଇ ଥିବାବେଳେ ୧୯୮୮ରେ ଅତିରିକ୍ତ ୯ଟି ଡ଼ିଭିଜନ୍ ଗଠିତ ହୋଇଥିଲା। ଅର୍ଥାତ୍ ପ୍ରତ୍ୟେକ ଅବିଭକ୍ତ ଜିଲ୍ଲାରେ ଗୋଟିଏ ଲେଖାଏଁ ୧୩ଟି ଓ ସମ୍ବଲପୁର ଏବଂ କଟକ ଜିଲାରେ ଅତିରିକ୍ତ ଗୋଟିଏ ଲେଖାଏଁ ମୋଟ ୧୫ ଟି ଡ଼ିଭିଜନ୍ ସୃଷ୍ଟି କରାଯାଇଥିଲା।

# ଏକାଦଶୀ ଉପବାସ ମାହାତ୍ମ୍ୟ : ୧୦

## କାମଦା ଏକାଦଶୀ

**ସିଦ୍ଧାର୍ଥ ମହାପାତ୍ର**

ଭଗବାନ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ଚୈତ୍ର ମାସ ଶୁକ୍ଳ ପକ୍ଷ ଏକାଦଶୀ, କାମଦା ଏକାଦଶୀ ଯାହା ଗୁରୁ ବଶିଷ୍ଠ ରାଜା ଦିଲୀପଙ୍କୁ ଶୁଣାଇ ଥିଲେ ସେହି ବିଷୟରେ କହିଲେ। କାମଦା ଏକାଦଶୀ ଚୈତ୍ର ମାସ ଶୁକ୍ଳ ପକ୍ଷ ତିଥିରେ ପଡିଥାଏ। ଗୁରୁ ବଶିଷ୍ଠ କହିଲେ କି, ଭୋଗୀ ପୁର ନାମକ ନଗରୀରେ ପୁଣ୍ଡରିକ ନାମକ ରାଜାଙ୍କ ରାଜସଭାରେ ଲଳିତ ନାମକ ଗନ୍ଧର୍ବ ଗୀତ ଗାଉଥିଲା ଏବଂ ତାର ପତ୍ନୀ ଲଳିତା ନୃତ୍ୟ ପରିବେଷଣ କରୁଥିଲା।ଲଳିତ ଗନ୍ଧର୍ବ ପତ୍ନୀ ପ୍ରେମରେ ଭୋଳ ହୋଇ ଅଶୁଦ୍ଧ ଗୀତ ଗାଇଲା। ରାଜା ପୁଣ୍ଡରିକ ଅଶୁଦ୍ଧ ଗୀତ ଶୁଣି କ୍ରୋଧ ବଶତଃ ଲଳିତ ଗନ୍ଧର୍ବକୁ ରାକ୍ଷସ ରୂପରେ ପରିଣତ ହେବାର ଅଭିଶାପ ଦେଲେ। ଲଳିତ ଗନ୍ଧର୍ବ ରାକ୍ଷସ ହେବାରୁ ସ୍ୱର୍ଗରେ ସ୍ଥାନ ନପାଇ ଅରଣ୍ୟରେ ଖାଦ୍ୟ ବିନା ବିଚରଣ କରିଲା। ତା ପତ୍ନୀ ଲଳିତା ମଧ୍ୟ ତା ପଛେ ପଛେ ଯିବା ସମୟରେ ଶୃଙ୍ଗି ଋଷିଙ୍କ ଆଶ୍ରମ ପାଇଲା। ଋଷିଙ୍କ ଉପଦେଶ ଅନୁସାରେ କାମଦା ଏକାଦଶୀ ବ୍ରତକୁ ନିଷ୍ଠାର ସହ ପାଳନ କରି ତା ସୁଫଳକୁ ଲଳିତ ଗନ୍ଧର୍ବକୁ ଉତ୍ସର୍ଗ କଲା। ଯାହା ଫଳରେ ଲଳିତ ଗନ୍ଧର୍ବ ରାକ୍ଷସ ଯୋନିରୁ ମୁକ୍ତି ପାଇ ସପତ୍ନିକ ସ୍ୱର୍ଗପୁରକୁ ଗମନ କଲା। କାମଦା ଏକାଦଶୀ ଉପବାସ କଲେ ମୁକ୍ତିର ମାର୍ଗ ମିଳଥାଏ। ଏହି ଏକାଦଶୀ ଉପବାସକୁ ନିଷ୍ଠାର ସହିତ ପାଳନ କରି ମୁକ୍ତିର ମାର୍ଗ ବାଛିନେବାକୁ ମୁନୀଋଷିମାନେ କହିଛନ୍ତି।

*ବକ୍ସବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*

## ମନ୍ଦିର ମାଳିନୀ : ଭାଗ-୧୪

# ତାଳେଶ୍ୱର ମନ୍ଦିର




କେଦାରଗୌରୀ ମନ୍ଦିର ଓ ପର୍ଶୁରାମେଶ୍ୱର ମନ୍ଦିର ନିକଟରୁ ବିନ୍ଦୁସାଗର ଯିବା ରାସ୍ତାରେ ବାମ ପାର୍ଶ୍ୱରେ ପଡ଼ିଥାଏ ପୁରାତନ ଐତିହାସିକ ତାଳେଶ୍ୱର ମହାଦେବ ମନ୍ଦିର। ଅଷ୍ଟମ ଶତାବ୍ଦୀରେ ନିର୍ମିତ ଏହି ଶିବ-ମନ୍ଦିର, ଲିଙ୍ଗରାଜ ମନ୍ଦିର ଠାରୁ ପ୍ରାୟ ୩୦୦ ବର୍ଷ ପୁରୁଣା। କାରୁକାର୍ଯ୍ୟରେ ପରିପୂର୍ଣ୍ଣ ଏହି ଛୋଟିଆ ମନ୍ଦିରଟିକୁ କେବଳ ମରାମତି କରି ବଞ୍ଚାଇ ରଖାଯାଇଛି। ମନ୍ଦିର ପରିସରରେ ଏକ ଛୋଟ ଉଦ୍ୟାନ ଅଛି। ପ୍ରବେଶ ଦ୍ୱାରର ଠିକ୍ ଉପରେ ପର୍ଶୁରାମେଶ୍ୱର ମନ୍ଦିର ଭଳି ନବଗ୍ରହଙ୍କ ସ୍ଥାନରେ ଏଠାରେ କେତୁ ଗ୍ରହଙ୍କୁ ଛାଡି ବାକି ଆଠଟି ବିଗ୍ରହ ଦେଖିବାକୁ ମିଳିଥାଏ। ଏଥିରୁ ମନ୍ଦିରର ନିର୍ମାଣ ସମୟ ଆକଳନ କରିବା ଐତିହାସିକମାନଙ୍କ ପକ୍ଷରେ ସମ୍ଭବ ଆଉ ସହଜ ହୋଇପାରିଛି। ମନ୍ଦିରର ବାହାର ପାର୍ଶ୍ୱରେ ଉତ୍ତରକୁ ମୁହଁ କରି ଗୋଟିଏ ପାଦରେ ଠିଆ ହୋଇଥିବା ଶିବଙ୍କର ଏକ ବିଚିତ୍ର ମୂର୍ତ୍ତି ଦେଖିବାକୁ ମିଳିଥାଏ। ଯାହାକୁ ଏକ ପାଦ ଶିବ ବୋଲି କୁହାଯାଏ। ଓଡ଼ିଶାରେ ଏହା ଶିବଙ୍କର ଭୈରବ ଅବତାର ମୂର୍ତ୍ତି ବୋଲି ଲୋକେ କୁହନ୍ତି। ଲିଙ୍ଗରାଜ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ପୁରାତନ ମନ୍ଦିରଟିକୁ ଆସି ନିଶ୍ଚିତ ଦେଖିବା ଉଚିତ୍। କାର୍ତ୍ତିକ ପୂର୍ଣ୍ଣମୀ, ଶିବରାତ୍ରି ଓ ସଂକ୍ରାନ୍ତି ମାନଙ୍କରେ ଏଠାରେ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ।

ଜ୍ଞାନ ରଞ୍ଜନ ମିଶ୍ର

# ରାଜ୍ୟ ବଜେଟ୍ ପାଇଁ ଜନସାଧାରଣ ଦେଇପାରିବେ ମତାମତ: ଅର୍ଥ ବିଭାଗ

ଭୁବନେଶ୍ୱର, (ଭିଓଭି): ଆର୍ଥିକ ବର୍ଷ ୨୦୨୪-୨୫ ସରିସରି ଆସୁଥିବା ବେଳେ ଆଗାମୀ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର




ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରାଜ୍ୟର ବିକାଶ ପାଇଁ କେଉଁ ବିଭାଗକୁ କେତେ ଟଙ୍କା ଦେବେ ଏନେଇ ଏଥି ପାଇଁ ସରକାରଙ୍କ ଅର୍ଥ ବିଭାଗ ଜନସାଧାରଣଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ଓ ସଂସ୍ଥାଠୁ ମତାମତ ଲୋଡ଼ିଛି। କେଉଁ କ୍ଷେତ୍ର ପାଇଁ ବଜେଟ୍ କିଭଳି ହେବା ଦରକାର ସର୍ବସାଧାରଣ ମତାମତ ଦେଇପାରିବେ। ଏହି ମତାମତ ଚଳିତମାସ ୩୧ତାରିଖ ପର୍ଯ୍ୟନ୍ତ ପଠାଇ ରାଜ୍ୟ ସରକାରଙ୍କ ବଜେଟ୍ ପ୍ରସ୍ତୁତି କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିବାକୁ ସଂପୃକ୍ତ ବିଭାଗ ଅନୁରୋଧ କରିଛି। ଅର୍ଥ ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ, ଆର୍ଥିକ ବର୍ଷ ୨୦୨୫-୨୬ ବଜେଟ୍ ପ୍ରସ୍ତୁତ ପାଇଁ ଅର୍ଥ ବିଭାଗ ଏକ ନିର୍ଦ୍ଦିଷ୍ଟ ଢାଂଚାରେ ଜନସାଧାରଣଙ୍କଠୁ ପରାମର୍ଶ ଆହ୍ୱାନ କରିଛି। ଏହା ବଜେଟ୍ ଓଡ଼ିଶା ୱେବପୋର୍ଟାଲରେ ଉପଲବ୍ଧ। ଜନସାଧାରଣ ଓ ଅନ୍ୟ ସଂଗଠନ ସର୍ବାଧିକ ୫୦୦ଶବ୍ଦରେ ରାଜସ୍ୱ, ବ୍ୟୟ ଓ ଅନ୍ୟାନ୍ୟ ଭଳି ୩ଟି ବର୍ଗରେ ନିଜର ମତାମତ ଦେଇପାରିବେ ବୋଲି କୁହାଯାଉଛି। ଜନସାଧାରଣ, ନାଗରିକ ସମାଜ, ବିଭିନ୍ନ ସଂଘ ଓ ଅନ୍ୟାନ୍ୟ ହିତାଧିକାରୀମାନେ ନିଜର ପରାମର୍ଶଗୁଡ଼ିକୁ ଇ-ମେଲ୍ odisha.budget@gov.inରେ ପଠାଇପାରିବେ। ସେହିପରି ବଜେଟ୍ ସମ୍ବନ୍ଧୀୟ ମତାମତକୁ ହ୍ୱାଟସଅପ୍ ନମ୍ବର-୯୪୩୮୧୬୧୧୧୧ ଓ ଅର୍ଥ ବିଭାଗର ସାମାଜିକ ଗଣମାଧ୍ୟମ (ଏକ୍ସ,ଫେସବୁକ୍, ଇନଷ୍ଟାଗ୍ରାମ) ଦ୍ୱାରା ମଧ୍ୟ ପଠାଇପାରିବେ। ସୂଚନାଯୋଗ୍ୟ, ଆର୍ଥିକ ବର୍ଷ ୨୦୨୪-୨୫ରେ ମୋହନ ମାଝୀ ସରକାର ୨.୬୫ଲକ୍ଷ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ଆଗାମୀ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ଆସନ୍ତା ଫେବୃଆରି ଶେଷ ସପ୍ତାହରେ ଉପସ୍ଥାପନ ହୋଇପାରେ।

# ନୂତନ ରାଜ୍ୟପାଳ ଭାବେ ଶପଥ ନେଲେ ଡଃ ହରିବାବୁ କମ୍ଭମ୍ପତି



ଭୁବନେଶ୍ୱର (ଭିଓଭି):ଓଡ଼ିଶାର ନୂତନ ରାଜ୍ୟପାଳ ଭାବେ ଶପଥ ନେଲେ ହରିବାବୁ କମ୍ଭମ୍ପତି । ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ଆଜି ସେ ଶପଥ ନେଇଛନ୍ତି। ଆଜି ପୂର୍ବାହ୍ନ ୧୦ଟା୧୦ ମିନିଟ୍‌ରେ ହରି ବାବୁ କମ୍ଭମ୍ପତିଙ୍କୁ ଶପଥ ପାଠ କରାଇଛନ୍ତି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧର ଶରଣ ସିଂହ। ଏଥିନିମନ୍ତେ ରାଜଭବନରେ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବାଚସ୍ପତି ସୁରମା ପାଢ଼ୀ, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶପଥ ଗ୍ରହଣ ଉତ୍ସବ ପରେ ନୂତନ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଗତ ଡିସେମ୍ବର ୨୪ ତାରିଖରେ ଓଡ଼ିଶାର ରାଜ୍ୟପାଳ ଭାବରେ ହରିବାବୁ କମ୍ଭମ୍ପତିଙ୍କୁ ନିଯୁକ୍ତି ମିଳିଥିଲା। ଗତକାଲି ଭୁବନେଶ୍ୱରରେ ପହଞ୍ଚି ସେ ପୁରୀ ଯାଇ ଶ୍ରୀଜିଉଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ ହରିବାବୁ ଓ ତାଙ୍କ ପରିବାର। ପୁରୀ ରାଜଭବନରେ ରାତ୍ରିଯାପନ ପରେ ଆଜି ସେ ଭୁବନେଶ୍ୱର ଫେରିଥିଲେ। ଏହାପରେ ରାଜଭବନରେ ଶପଥ ନେଇଛନ୍ତି ହରି ବାବୁ । ଏହି ଅବସରରେ ଓଡ଼ିଶାର ବିକାଶ ଓ ରାଜ୍ୟବାସୀଙ୍କ ଉନ୍ନତି ପାଇଁ ମହାପ୍ରଭୁଙ୍କ ନିକଟରେ ସେ ପ୍ରାର୍ଥନା କହିଛନ୍ତି ।

## ପ୍ରାକୃତିକ ଦୁର୍ବିପାକରେ ସାମିଲ ହେଲା 'ଅଦିନିଆ ବର୍ଷା'

# ରିଲିଫ୍ କୋର୍ଡ ଆଧାରରେ ୬.୬୬ଲକ୍ଷ ଚାଷୀଙ୍କୁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର,(ଭିଓଭି):କୃଷି ଓଡ଼ିଶା କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ ଘୋଷଣା କରିଛନ୍ତି। ଏଥିରେ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଏଣିକି ଅଦିନିଆ ବର୍ଷାରେ ଫସଲ କ୍ଷତିଗ୍ରସ୍ତ ହେଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାର ରିଲିଫ୍ ପାଣ୍ଠିରୁ ସହାୟତା ଦିଆଯିବ। ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଥିଲେ ଏହି ସୁବିଧା ମିଳିବ ବୋଲି ବି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ପୂର୍ବ ସରକାରଙ୍କ ଅବହେଳା କାରଣରୁ ଆମେ କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିନାହୁଁ। ସେହି ସରକାର ଶୀତଳ ଭଣ୍ଡାର କରିବେ ବୋଲି କହିଲେ, କିନ୍ତୁ କଲେନି। ଆଳୁ ମିଶନ୍, ପଣସ ମିଶନ ହେବ



ବୋଲି ପୂର୍ବ ସରକାର ଘୋଷଣା କଲେ, କିନ୍ତୁ ଫଳ କଣ ହେଲା, ତାହା ସମସ୍ତଙ୍କୁ ଜଣା। ପୂର୍ବ ସରକାର କେବଳ ପ୍ରଚାର ସର୍ବସ୍ୱ ସରକାର ଥିଲା। ପୂର୍ବ ସରକାର ଚାଷୀଙ୍କୁ ପ୍ରଲୋଭନ ଦେଖାଇ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ପୂର୍ବ ସରକାରଙ୍କ ଅବହେଳା କାରଣରୁ ଆମେ କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିନାହୁଁ। ସେହି ସରକାର ଶୀତଳ ଭଣ୍ଡାର କରିବେ ବୋଲି କହିଲେ, କିନ୍ତୁ କଲେନି। ଆଳୁ ମିଶନ୍, ପଣସ ମିଶନ ହେବ ବୋଲି ପୂର୍ବ ସରକାର ଘୋଷଣା କଲେ, କିନ୍ତୁ ଫଳ କଣ ହେଲା, ତାହା ସମସ୍ତଙ୍କୁ ଜଣା। ପୂର୍ବ ସରକାର କେବଳ ପ୍ରଚାର ସର୍ବସ୍ୱ ସରକାର ଥିଲା। ପୂର୍ବ ସରକାର ଚାଷୀଙ୍କୁ ପ୍ରଲୋଭନ ଦେଖାଇ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଥିଲେ। ନିକଟରେ ହୋଇଥିବା ଅଦିନିଆ ବର୍ଷାରେ ୬ ଲକ୍ଷ ୬୬ ହଜାର ୭ଶହ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ୨ ଲକ୍ଷ ୨୬ ହଜାର ହେକ୍ଟର ଫସଲ କ୍ଷତି ହୋଇଛି। ଯେଉଁ ଚାଷୀମାନେ ଫସଲ ବୀମାଭୁକ୍ତ ହୋଇନାହାନ୍ତି, ସେମାନଙ୍କୁ କ୍ଷତିପୂରଣ ବାବଦରେ ୨୯୧.୫୯ କୋଟି ଟଙ୍କାର ସହାୟତା ମିଳିବ । ବିଜେପି ସରକାର ଚାଷୀଙ୍କ ସହ ଅଛନ୍ତି ଏବଂ ରହିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି କରିଛନ୍ତି।

# ଡୁମାଲ ସମାଜ ପକ୍ଷରୁ ଆୟୋଜିତ ଦ୍ୱିତୀୟ ମାହେଶ୍ୱରୀ ମହୋତ୍ସବରେ ଯୋଗ ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, (ଭିଓଭି): ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶନିବାର ଦିନ ବୌଦ୍ଧ ଜିଲ୍ଲାର ମସିଣାଗୋରା ଠାରେ ଡୁମାଲ ସମାଜ ପକ୍ଷରୁ ଆୟୋଜିତ ଦ୍ୱିତୀୟ ମାହେଶ୍ୱରୀ ମହୋତ୍ସବରେ ଯୋଗ ଦେଇଛନ୍ତି । ଏହି ଅବସରରେ କଂଟାମାଳ ବିଧାୟକ ଶ୍ରୀ କହ୍ନେଇ ଚରଣ ଡାଙ୍ଗ ମଧ୍ୟ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀ ଏହି ଅବସରରେ ସେଠାରେ ଆୟୋଜିତ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଉଦ୍ଘାଟନ କରିଛନ୍ତି । ସେଠାରେ ଆୟୋଜିତ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହ ସମାଜସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଅନେକ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

## ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ

# ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜୁଏଲ୍ ଓରାମ୍

ରାଉରକେଲା,(ଭିଓଭି): ସୁନ୍ଦରଗଡ଼ରେ ରହିଛି ୧୩ରୁ ଅଧିକ ପର୍ଯ୍ୟଟନସ୍ଥଳ। ହେଲେ ଆଜି ପର୍ଯ୍ୟନ୍ତ ବିକାଶ ଦେଖିଛି ମାତ୍ର ୩/୪ଟି ପର୍ଯ୍ୟଟନସ୍ଥଳ। ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଥିବା ଏସବୁସ୍ଥଳକୁ ଆଦୌ ପର୍ଯ୍ୟଟନ ବିଭାଗ ଗୁରୁତ୍ୱ ଦେଇନି। ଗତ ସରକାର ସମୟରେ ବେଦବ୍ୟାସ, ଖଣ୍ଡାଧାର, ପିତାମହଲ ଡ୍ୟାମ୍ ଏମିତି କିଛି ପର୍ଯ୍ୟଟନସ୍ଥଳକୁ ବାଦ୍ ଦେଲେ ଅନ୍ୟ କେଉଁ ସ୍ଥାନ ପାଇଁ ଟଙ୍କାଟିଏ ମଞ୍ଜୁର ହୋଇନି। ଫଳରେ ସୁନ୍ଦରଗଡ଼ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକ ସଂଖ୍ୟା ବଢ଼ିବା ପରିବର୍ତ୍ତେ କମୁଛି। ଏବେ ସରକାର ବଦଳିଛି। ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର ଶାସନ କରୁଛି। କେନ୍ଦ୍ର ଆଦିବାସୀମନ୍ତ୍ରୀ ତଥା ସୁନ୍ଦରଗଡ଼



ସାଂସଦ ଜୁଏଲ ଓରାମ ସୁନ୍ଦରଗଡ଼ର ପର୍ଯ୍ୟଟସ୍ଥଳଗୁଡ଼ିକୁ ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଚିଠି ଲେଖିଛନ୍ତି। ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ୮ଟି ପର୍ଯ୍ୟଟନସ୍ଥଳର ତାଲିକା ଦେଇଛନ୍ତି। ଏଗୁଡ଼ିକ ମଧ୍ୟରେ ରହିଛି ବଣାଇ ବ୍ଲକ ଅନ୍ତର୍ଗତ ବଣାଇର ବାବା ବାଣେଶ୍ୱର ମହାଦେବ ମନ୍ଦିର, ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ କୁର୍ଡା ପଞ୍ଚାୟତର ସିଙ୍ଗାରଦେଇ, ତଳବାହାଲିର ଅଶୋକ ଝରଣ, ଫୁଲ୍‌ଝରର ମିରିଗ୍ ଲୋଟିନି, ବରିଟୋଲାର ବିଶେଶ୍ୱର ମହାଦେବ, ଦର୍ଜିଂର ଦେଓଧର, କଲେଇପୋଷ ପଞ୍ଚାୟତର କଟା, ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ବଣେଇକେଲା ପଞ୍ଚାୟତର ବାଦଲଗିରି ଜଳପ୍ରପାତ। ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଶରେ ଥିବା ଏସବୁ ସ୍ଥଳର ବିକାଶହେଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ରୋଜଗାର ବଢ଼ିବ। ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜୁଏଲ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ଚିଠି ପାଇବା ଉପମୁଖ୍ୟମନ୍ତ୍ରୀ ଜିଲ୍ଲାର ପର୍ଯ୍ୟଟନସ୍ଥର ବିକାଶକୁ କେତେ ଗୁରୁତ୍ୱ ଦେଉଛନ୍ତି, ତା' ଉପରେ ଜିଲ୍ଲାବାସୀଙ୍କ ନଜର ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ସଉରା ଜନଜାତି...

**ବିଭିନ୍ନ ସମସ୍ୟା**

ଆଧୁନିକ ଦୁନିଆର ଅଗ୍ରଗତି ଫଳରେ ଅନେକ ଜନଜାତିର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ପରମ୍ପରା, ସଂସ୍କୃତି ଲୁଚିବାରେ ଲାଗିଛି । ସରକାର ଏହାର ଦୃଷ୍ଟୀରେ ରଖି ଜିଲ୍ଲା ମାନଙ୍କରେ ସଂସ୍କୃତିର ସୁରକ୍ଷା ସହ ସଂଗ୍ରାଳୟର ବ୍ୟବସ୍ଥା କଲେ ଭଲ ହୁଅନ୍ତା ।

**ଶିକ୍ଷା କ୍ଷେତ୍ରରେ :** ବହୁମୁଖୀ ଭାଷା ଶିକ୍ଷାର ଗୁରୁତ୍ୱ ନିଜ ଅଞ୍ଚଳର ଶିକ୍ଷକ ନିଯୁକ୍ତି ଦେବା ଆବଶ୍ୟକ । ସହରୀ ଅଞ୍ଚଳର ଅଣ ଆଦିବାସୀ ଶିକ୍ଷକକୁ ନିଯୁକ୍ତି କରି ଭାଷାରେ ଶିକ୍ଷା ମିଳୁନାହି । ଯାହା ଫଳରେ ଶିକ୍ଷକର ଶିକ୍ଷାଦାନ ପିଲାଙ୍କୁ ବୁଝିବାରେ ଅସୁବିଧା ହୋଇଥାଏ । ଶିକ୍ଷା ସହ ସଉରା ପାରମ୍ପରିକ ବାଦ୍ୟ ଯନ୍ତ୍ର ବଜାଇବାର ତାଲିମ ଦେବା ଆବଶ୍ୟକ ।

**ମାର୍କେଟ ସମସ୍ୟା (କିଣାବିକା) :** କିଣାବିକା ସମୟରେ ଏହି ଜନଜାତିର ଲୋକମାନେ ବିଭିନ୍ନ ଠକାମିରେ ଶିକାର ହୋଇଥାନ୍ତି। ସଠିକ ଦର ମୁଳୁନାହି , ସରକାର ଯଦି ଏହା ଉପରେ ଦୃଷ୍ଟୀରେ ରଖି ଦର ନିର୍ଦ୍ଧାରଣ କରି ବିଭିନ୍ନ ସ୍ଥାନରେ ଗୋଦାମ କଲେ ଭଲ ହୋଇଥାନ୍ତା ।

**ଗମନାଗମନ :** ଆଜି ଯାଏ ବିଭିନ୍ନ ଗାଁ ମାନଙ୍କରେ ରାସ୍ତା କି ସଡକର ସୁବିଧା ନାହି , କିଛି ବ୍ଲକ ତଥା ଗୁମ୍ମା ଗୁଙ୍ଗସୁର , ରାୟଗଡ଼ , ନୂଆଗଡ ବ୍ଲକର କିଛି ଗାଁ ପ୍ରସୂତୀ ମହିଳା ମାନଙ୍କୁ ଖଟିଆରେ ବୋହି ନେବାକୁ ପଡେ । କମ୍ୟୁନିକେଶନ ପାଇଁ ନେଟୱର୍କ ଟାୱାର ନ ଥିବା ଯୋଗୁଁ ପାଠ ପଢା ସହ ବାହାର ଦୁନିଆ ବିଷୟରେ ଜଣାପଡୁନାହି ।

**ଚାଷ କ୍ଷେତ୍ରରେ :** ଆଧୁନିକ ପ୍ରଣାଳୀରେ ଚାଷ ଉଚିତ ତାଲିମ ସହ ଉଚିତ ସମୟରେ ବିହନ ଯୋଗାଇ ଦେଲେ ଚାଷୀ ଉପକୃତ ହେବେ ଏଥିପାଇଁ ସରକାର ଧ୍ୟାନ ଦେବା ଆବଶ୍ୟକ । ସେମାନଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସତ୍ତ୍ୱେ ଆଧୁନିକ ଦୁନିଆରେ ସେମାନଙ୍କର ପରମ୍ପରାକୁ ବଞ୍ଚାଇ ରଖିବାରେ ସଉରା ଜନଜାତି ବିଭିଂନ ଆହ୍ୱାନର ସମୁଖୀନ ହୋଇ । ଆର୍ଥିକ ଚାପ ଏବଂ ସହରୀକରଣ ସେମାନଙ୍କ ଜୀବନ ଧାରାରେ ବିପଦ ସୃଷ୍ଟି କରେ । ତଥାପି, ସେମାନଙ୍କ ସଂସ୍କୃତିର ସୁରକ୍ଷା ପାଇଁ ଉଦ୍ୟମ କରାଯାଉଛି । ସରକାରୀ ପଦକ୍ଷେପ ଏବଂ ସାଂସ୍କୃତିକ ସଂଗଠନଗୁଡିକର ସମର୍ଥନ ସଉରା କଳା ଏବଂ ପରମ୍ପରାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି, ଏହି ଜୀବନ୍ତ ଐତିହ୍ୟ ଉନ୍ନତି ଜାରି ରଖିବା ନିହାତି ଆବଶ୍ୟକ ।

# ମଣ୍ଡିରେ ଟାର୍ଗେଟ କମ ଥିବାରୁ ରାଜ ରାସ୍ତାରେ ଚାଷୀଙ୍କ ବିରୋଧ ପ୍ରଦର୍ଶନ



ମାଲକାନଗିରି (ଭିଓଭି): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ଗ୍ରାମରୁ ସୂଚନା ଅନୁଯାୟୀ ନାୟକଗୁଡା ଧାନ ମଣ୍ଡିରେ ସରକାରଙ୍କ ପକ୍ଷରୁ ୧୦୦୦ କ୍ୱିଣ୍ଟାଲ ଧାନ କ୍ରୟର ଟାର୍ଗେଟ ରହିଥିବା ବେଳେ ଟାର୍ଗେଟ ପୂର୍ଣ ହେବାକୁ ବସିଛି ହେଲେ ଅଞ୍ଚଳର ବହୁତ ଚାଷୀ ବର୍ତ୍ତମାନ ସୁଧା ଧାନ ବିକ୍ରୟ କରି ନାହାନ୍ତି। ରାଜ୍ୟ ସରକାର ଧାନଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଖୁସି କରାଇଥିବା ବେଳେ ଏବେ କିନ୍ତୁ ଚାଷୀ ସରକାରଙ୍କ ନିୟମକୁ ନେଇ ଚିନ୍ତାରେ ପଡିଛନ୍ତି। ଧାନର ମୂଲ୍ୟ ବଢାଇ ଦେଇଥିବା ସରକାର ମଣ୍ଡି ଗୁଡିକରେ ଚାଷୀଙ୍କ ଠାରୁ ଧାନ କ୍ରୟର ଟାର୍ଗେଟ କମାଇ ଦେଇଥିବାରୁ ଚାଷୀ ଏବେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରୟ କରି ନ ପାରି ଦୁଃଖରେ ଭାଙ୍ଗି ପଡିଛନ୍ତି। ଶେଷରେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ବିରୋଧ କରିଛନ୍ତି । କିଛି ମାସ ତମାମ କଷ୍ଟ କରି ନିଜର ଝାଳ ବୁହା ପରିଶ୍ରମରେ ଯେଉଁ ଧାନକୁ ଚାଷୀ ଅମଳ କରିଛି ତାହା ଏବେ ଚାଷୀଙ୍କ ଧାନ ଖଳାରେ ପଡି ରହିଛି। ସାହୁକାର, ବ୍ୟାଙ୍କ ଆଦି ଠାରୁ ଋଣ ଆଣି ଖରା ବର୍ଷାକୁ ଖାତିର ନକରି ଚାଷୀ ଧାନ ଅମଳ ପରେ ଏହାକୁ ବିକ୍ରୟ କରି ଦୁଇ ପଇସା ପାଇବାକୁ ଆସା ରଖିଥିବା ବେଳେ ଏବେ ମଣ୍ଡିରେ ଟାର୍ଗେଟ ଶେଷ ହେବାକୁ ଯାଉଥିବାରୁ ଧାନ କାହାକୁ ବିକିବେ ବୋଲି ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଅନେକ ଚାଷୀ ଧାନର ଅଭାବୀ ବିକ୍ରି ଯୋଗୁ ଦଲାଲ ମାନଙ୍କୁ ଧାନ ବିକୁଥିବା ଅଭିଯୋଗ ହେଉଥିବା ବେଳେ ବାରମ୍ୱାର ଅନୁରୋଧ ପରେ ମଧ କୌଣସି ସୁଫଳ ମିଳୁନି। ଯାହା ଫଳରେ କୌଣସି ଉପାୟ ନପାଇ ଶେଷରେ ତାତିଛନ୍ତି ଚାଷୀ ଏବଂ ରାଜ ରାସ୍ତାକୁ ଆସି କରିଛନ୍ତି ରାସ୍ତା ଅବରୋଧ। ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ଠାରେ ଜାତୀୟ ରାଜପଥ ୩୨୬ ଉପରେ ଚାଷୀ ଧାନ ବସ୍ତା ରଖି ରାସ୍ତା ରୋକ କରିଥିବା ବେଳେ ଜୟପୁର ରୁ ମାଲକାନଗିରିକୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ମାସ ମାସ ଧରି ଧାନ ଉଠୁନଥିବା ଅଭିଯୋଗ ସହ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକେନ ଦିଆଯାଉଥିବା ବେଳେ ମଣ୍ଡିରେ ୧୦୦୦ କୁଇଣ୍ଟାଲ ଧାନ କ୍ରୟର ଟାର୍ଗେଟ ଯୋଗୁଁ ଚୟସ ସମସ୍ୟା ଭୋଗୁଥିବା ଅଭିଯୋଗ କରି ଏହି ରାସ୍ତା ରୋକ କରାଯାଇଛି। ତେବେ ମଣ୍ଡିରେ ଟାର୍ଗେଟ ବଢାଯାଇ ୨୦୦୦ କ୍ୱିଣ୍ଟାଲ କରାଯିବାକୁ ଦାବି କରିଛନ୍ତି ଚାଷୀ। ପୂର୍ବରୁ ପ୍ରଶାସନକୁ ଅନୁରୋଧ ପରେ ପ୍ରଶାସନ ତରଫରୁ କୌଣସୀ ପଦକ୍ଷେପ ନିଆଯାଇନଥିଲା। ତେଣୁ ଦାବିପୂରଣ ସହ ଉଚିତ ସମୟରେ ଚାଷୀଙ୍କ ଧାନକ୍ରୟ କରାଗଲେ ଆନ୍ଦୋଳନ ହଟିବ ବୋଲି ଚାଷୀ ପ୍ରକାଶ କରିଛନ୍ତି। ଦୀର୍ଘ ସମୟ ପରେ ଏନେଇ ଖବର ପାଇ ଘଟଣା ସ୍ଥଳରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ ଏମ ଏମ ପଟ୍ଟନାୟକ, ଏସଡିପିଓ ସଚୀନ ପଟେଲ ପ୍ରମୁଖ ଅଧିକାରୀ ପହଁଚି ଚାଷୀଙ୍କୁ ବୁଝାସୁଜା କରିବା ସହ ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୁ ଚାଷୀ ହଟିଥିବା ଜଣା ପଡିଛି।

# ମିଶନ ଶକ୍ତି ଗୃହ କାର୍ଯ୍ୟରେ ବ୍ୟବହୃତ ହେଉଛି କାରଖାନାର ବର୍ଜ୍ୟବସ୍ତୁ

କଳିଙ୍ଗନଗର (ଭିଓଭି): ମିଶନ ଶକ୍ତି ମାଙ୍କ ପାଇଁ ସରକାର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ବାସ୍ତବରେ ଓଲଟା।ମିଶନ ଶକ୍ତି ଗୃହ ଆରମ୍ଭ ହେଇଛି ସତ କିନ୍ତୁ ଗୃହ ଅଧପନ୍ତରିଆ ସହ କାର୍ଯ୍ୟରେ ବ୍ୟବହୃତ ହେଉଛି କାରଖାନାର ବର୍ଜ୍ୟବସ୍ତୁ।ଯେ କୌଣସି ସରକାରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ସେଠାରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ହୋଇଥିବା ବେଳେ ଗୃହ ନିର୍ମାଣ କରୁଥିବା ଠିକାଦାର ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲଗାଇ ନାହାନ୍ତି କ୍ଷ ଘଇଉଉ ନାମକ ଏଜେନ୍ସି ବ୍ଲକରେ ୧୦ପଞ୍ଚାୟତରେ କାର୍ଯ୍ୟ କରୁଥିଲା କିନ୍ତୁ ସବୁ ଏଭଳି ଅଧପନ୍ତରିଆ ପଡିଛି। ଦାନଗଦୀ ବ୍ଲକ୍ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତରେ ମିଶନ ଶକ୍ତି ଗୃହ ବହୁ ବର୍ଷ ଅଧପନ୍ତରିଆ ହୋଇ ପଡିରହିଛି। ଠିକାଦାର ଗୃହର ୪୦ପ୍ରତିଶତ ଭାଗ କାର୍ଯ୍ୟ କରିଛି ଓ ମଝିରେ ମଝିରେ ଗୋଟିଏ ଦିନ କାର୍ଯ୍ୟ ହେଉଛି। ପୁନର୍ବାର ୩ମାସ ବନ୍ଦ ହେଉଛି। ସୂଚନା ମୁତାବକ ପୂର୍ତ୍ତ ବିଭାଗରେ ଥିବା ଏହି ଗୃହ ପାଖାପାଖି ୩୦ ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ ହେବାକୁ ଥିବା ଏହି ଗୃହ ନିର୍ମାଣରେ ପ୍ରଥମରୁ ବହୁ ଅନିୟମିତତା ଦେଖାଯାଇଥିଲା ଏବଂ ଅଭିଯୋଗ ହୋଇଥିଲା। କାର୍ଯ୍ୟାଦେଶ ହାତେଇଥିବା ଠିକାଦାର ନିମ୍ନମାନର କାର୍ଯ୍ୟ ଓ ସୂଚନା ଫଳକ ନଥିବା ଅଭିଯୋଗ ହେଉଛି । ପରବର୍ତି ସମୟରେ ସମ୍ପୃକ୍ତ ଠିକାଦାର ମନ ଇଚ୍ଛା କାର୍ଯ୍ୟ କରୁଛନ୍ତି। ପ୍ରାୟ ୧ବର୍ଷରୁ ଅଧିକା ହେବ ଗୃହର ଛାତ ପଡି ଯାଇଥିବା ବେଳେ ଗୃହ ଅନ୍ୟ କାର୍ଯ୍ୟ ବହୁ ଦିନ ଧରି ବନ୍ଦ ରହିଛି । ଯାହା ଫଳରେ ବର୍ଷା ପାଣି ଖାଇ ଗୃହ ଦୁର୍ବଳ ହେଉଛି। ଯାହା ଫଳରେ ଏହି ହଲର ପିଲାରରେ ବ୍ୟବହୃତ ରଡ ବର୍ଷା ପାଣି ଖାଇ ନଷ୍ଟ ହେଉଥ?ିବାର ଦେଖାଯାଇଛି।

# ବେଆଇନ ହମ୍ପସ୍ ଘଟାଉଛି ଦୁର୍ଘଟଣା

କଳିଙ୍ଗନଗର, (ଭିଓଭି): ଡୁବୁରୀ-ଚୋରଦା ନିର୍ମାଣ ବିଭାଗର ରାସ୍ତାର ନୂଆଗାଁ ଛକ ନିକଟରେ ଏକ ବେଆଇନ ହମ୍ପସ ଗତ ୫ଦିନ ତଳୁ ନିର୍ମାଣ ହୋଇଛି।ଏହି ହମ୍ପସ ଟି ବହୁ ଦୁର୍ଘଟଣା ଘଟୁଛି।କାରଣ ଅନ୍ଧାର ରାସ୍ତାରେ ହମଷ ଥିବାରୁ ବହୁ ବାଇକ ଅରୋହି ,ସାଇକେଲ ଅରୋହି ଓ କାର ଦୁର୍ଘଟଣା ର ଶିକାର ହେଉଛନ୍ତି। ଏହାକୁ ଦେବ ଇଣ୍ଟରନ୍ୟାସନାଲ ସ୍କୁଲ ନିର୍ମାଣ ବିଭାଗର ବିନା ଅଦେଶରେ ବନାଯାଇଛି। ଆଗରୁ ଏହି ରାସ୍ତାଟି ଫାଙ୍କା ଥିଲା । ଫଳରେ ଜନ ସାଧାରଣ ଜାଣି ପାରୁନାହାନ୍ତି ସେଥିପାଇଁ ୫ଦିନରେ ବହୁତ ଦୁର୍ଘଟଣା ହୋଇଥିବା ଜନସାଧାରଣ ପକ୍ଷରୁ ଅଭିଯୋଗ ହୋଇଛି।ଏଠି ପ୍ରଶ୍ନ ଉଠୁଛି କି ହମ୍ପସକୁ ଆଦେଶ ଦେଲା କିଏ କେମିତି ହେଲେ ଏଥିପାଇଁ ତଦନ୍ତ ହେବା ଦରକାର। ଏହାକୁ ନେଇ ପୋଲିସ ପ୍ରଶାସନ ଓ ନିର୍ମାଣ ବିଭାଗର ଅଧିକାରୀ ପଚାରିଥିଲୁ ତାଙ୍କ ପାଖରେ ଏହି ବିଷୟରେ କିଛି ତଥ୍ୟ ନାହିଁ ବୋଲି ମନା କରିଥିଲେ।ଜିଲ୍ଲା ପ୍ରଶାସନ ଓ ନିର୍ମାଣ ବିଭାଗର ପକ୍ଷରୁ ହମ୍ପସକୁ ତୁରନ୍ତ ହଟାଇବାକୁ ସର୍ବସାଧାରଣରେ ଅଭିଯୋଗ ହେଉଛି।

# ବାଣିଆ ବାଡି ଛକ - ଡ଼ାଇକି ଛକ ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ମରଣ ଯନ୍ତା



ବେଗୁନିଆପଡା, (ଭିଓଭି): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବାଣିଆ ବାଡି ଛକ ଠାରୁ ଡ଼ାଇକି ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ର ବିଭିନ୍ନ ସ୍ଥାନରେ ଖାଲଖଣା ସୃଷ୍ଟି ହୋଇଛି । ଏଥିସହିତ ଏହି ରାସ୍ତା ର ଉଭୟ ପାର୍ଶ୍ୱ ରେ ଲତାବୁଦା ରାସ୍ତା ଉପରକୁ ମାଡ଼ି ଗଲାଣି ଫଳରେ ଏହି ରାସ୍ତା ଦେଇ ଯିବା ଆସିବା ବେଳେ ବାଇକ ଆରୋହୀ ଏବଂ ଅନ୍ୟାନ୍ୟ ଯାନବାହାନ ଆରୋହୀ ମାନେ ଦୁର୍ଘଟଣାର ଶିକାର ହେଉଥିବାର ଦେଖିବାକୁ ମିଳିଛି । ଏ ନେଇ ପୂର୍ତ୍ତବିଭାଗର ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନଥିବା ନେଇ ସ୍ଥାନୀୟ ଜନସାଧାରଣ ମାନେ ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି । ଦେଖାଯାଉ ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ କେବେ ରାସ୍ତା ମରାମତି କରୁଛନ୍ତି ଏବଂ ରାସ୍ତାର ଉଭୟ ପାର୍ଶ୍ୱ ରୁ ଲତା ବୁଦା ସଫା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା । ସୂଚନା ମୁତାବକ ଏହି ରାସ୍ତା ର ବିଭିନ୍ନ ସ୍ଥାନରେ ଦୀର୍ଘଦିନ ହେଲାଣି ଖାଲ ଖଣା ସୃଷ୍ଟି ହୋଇଥିବା ବେଳେ ପୂର୍ତ୍ତବିଭାଗ ଏହାକୁ ମରାମତି ନ କରିବା ଦୁର୍ଭାଗ୍ୟ ର ବିଷୟ ବୋଲି ଜନସାଧାରଣ ରେ ଆଲୋଚନା ଚାଲିଛି । ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଲତା ବୁଦା ମାଡି ରାସ୍ତା ଉପରକୁ ଆସିଲାଣି ଏ ଦିଗରେ ଦୃଷ୍ଟିଦେବା ପାଇଁ ମଧ୍ୟ ବୁଦ୍ଧିଜିବୀ ମାନେ ଦାବୀ କରିଛନ୍ତି । ପୂର୍ତ୍ତବିଭାଗ ର କର୍ମକର୍ତ୍ତା ମାନେ କେବଳ ରାସ୍ତା ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରିବା ପାଇଁ କଣ୍ଟ୍ରାକ୍ଟର ମାନଙ୍କୁ କାର୍ଯ୍ୟ ଦେଇ ପିସି କାରବାର ରେ ଲିପ୍ତ ରହୁଥିବା ନେଇ ଜନସାଧାରଣ ରେ ଚର୍ଚ୍ଚା ଚାଲିଛି । ରାସ୍ତା ର ଦୁଇ ପାର୍ଶ୍ୱ ସଫେଇ ପାଇଁ ଲକ୍ଷାଧିକ ଟଙ୍କା ଆସୁଥିବା ବେଳେ ଅଳ୍ପ କିଛି ରାସ୍ତା ସଫେଇ କରି ଫୋଟ ଉଠେଇ କାର୍ଯ୍ୟ ସମ୍ପାଦନ କରୁଥିବା କଥା ମଧ ଜନସାଧାରଣ ରେ ଆଲୋଚନା ଚାଲିଛି। ଏ ନେଇ ସ୍ଥାନୀୟ ରାଜନୈତିକ ଜନପ୍ରତିନିଧିମାନେ ଦୃଷ୍ଟିଦେବା ପାଇଁ ଜନସାଧାରଣ ରେ ଦାବୀ ହୋଇଛି ।

# ନିଜ ଖର୍ଚ୍ଚରେ ରାସ୍ତା ନିର୍ମାଣ କଲେ ମହିଳା ଗୋଷ୍ଠୀ, ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ଖଜୁରୀପଡା (ଭିଓଭି): ସରକାରଙ୍କୁ ବାରମ୍ୱାର ଦୃଷ୍ଟି ଆକର୍ଷଣ ପରେ ମଧହେଲାନି ରାସ୍ତା କାମ ନିଜ ଖର୍ଚ୍ଚରେ ମହିଳା ମାନେ ନିର୍ମାଣ କଲେ ରାସ୍ତା । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ସଦରମହକୁମା ଅନ୍ତର୍ଗତ ବନ୍ଧ ସାହି, ଅରାପାଜୁ ପଞ୍ଚାୟତକୁ ଯାଇ ଥିବା ମୁଖ୍ୟ ସଡକ ଠାରୁ ତଳ ସାହିକୁ ଯିବା ରାସ୍ତା ବହୁତ ଦିନ ଠାରୁ ଶୋଚନୀୟ ଥିଲା ଯିବା ଆସିବା ପାଇଁ ବହୁ ଅସୁବିଧା ହେଉଥିଲା ଏହି ବିଷୟରେ ପ୍ରଶାସନ କୁ ଜଣାଇ ଥିଲେ ମଧ କୌଣସି କାର୍ଯ୍ୟ ନ ହେବାରୁ ଆଜି ଗ୍ରାମର ମହିଳା ମାନେ ନିଜ ଖର୍ଚ୍ଚ ଓ ପରିଶ୍ରମରେ ରାସ୍ତା ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । ଯଦି ବ୍ଲକ୍ ଠାରୁ ମାତ୍ର ଦୁଇ କିଲୋମିଟର ଏହି ବନ୍ଧ ସାହି ଗ୍ରାମ ହେଲେ ପ୍ରଶାସନ କୁ ଦେଖା ଯାଉନି ତେବେ ଅନ୍ୟ ଦୂରତା ପଞ୍ଚାୟତ ଗୁଡିକରେ ଥିବା ଗ୍ରାମଗୁଡିକର ରାସ୍ତା କିପରି ଥିବ ତାହା ସାଧାରଣରେ ଅନୁମାନ କରାଯାଉଛି । ତେଣୁ ଉଚ୍ଚ କର୍ତୃପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ସମସ୍ୟା ସମାଧାନ ପାଇଁ ଅଞ୍ଚଳର ବୁଦ୍ଧି ଜୀବି ମହଲରୁ ଦାବି ହେଉଛି ।


## ନବବର୍ଷର ଅଭିନନ୍ଦନ

ନବବର୍ଷ ୨୦୨୫ ଉପଲକ୍ଷେ ରଣପୁର ବ୍ଲକର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ମୋର ଶୁଭ ଅଭିନନ୍ଦନ ଓ ପ୍ରଣାମ। ମାଆ ମଣିନାଗଙ୍କ କୃପାରୁ ସମସ୍ତଙ୍କର ପରିବାର ସୁଖସମୃଦ୍ଧିରେ ଭରିଯାଉବୋଲି କାମନା କରୁଛି।





**ନିର୍ମଳା ବେହେରା**

**ପଞ୍ଚାୟତ ସମିତି ଅଧକ୍ଷ, ରଣପୁର**

# ବାୟାଚଢେଇ

**ଜୀବଜଗତ**



**କାର୍ତ୍ତିକ ଚନ୍ଦ୍ର ପଣ୍ଡା**

ଭାରତୀୟ ଉପମହାଦେଶ ଓ ଦକ୍ଷିଣ-ପୂର୍ବ ଏସିଆରେ ବାୟା ଚଢେଇ ବହୁଳ ପରିମାଣରେ ଦେଖଯାନ୍ତି । ଏମାନଙ୍କର ବୈଜ୍ଞାନିକ ନାମ Ploceidae । ଏମାନଙ୍କ ବସା ତିଆରି କୌଶଳ ଅଭୂତପୂର୍ବ ହୋଇ ଥିବାରୁ ଏହାକୁ ପକ୍ଷୀ ଜଗତର ଇଞ୍ଜିନିୟର ରୂପେ ମାନ୍ୟତା ଦିଆଯାଏ । ସମୁଦାୟ ୬୪ ପ୍ରଜାତିର ଏହି କ୍ଷୁଦ୍ର ଅଥଚ ସୁନ୍ଦର ପକ୍ଷୀମାନେ ସାଧାରଣତଃ ଲାଲ, ଧୂସର, କଳା ଅଥବା ହଳଦିଆ ରଙ୍ଗରେ ଦେଖିବାକୁ ମିଳନ୍ତି । ଏମାନେ ସୁରକ୍ଷା ଦୃଷ୍ଟିରୁ, ଜଳାଶୟ ଓ ଖାଦ୍ୟ ମିଳୁଥିବା ସ୍ଥାନ ନିକଟରେ ବାସ କରିବାକୁ ପସନ୍ଦ କରନ୍ତି । ସର୍ବାଧିକ ୭ ଇଞ୍ଚ ଲମ୍ବ ଓ ୫୦ ଗ୍ରାମ ଓଜନର ପକ୍ଷୀଟିର ଜୀବନକାଳ ୧୦ ରୁ ୧୫ ବର୍ଷ ।

ଦଳଗତ ଭାବେ ଏକ ସୁନ୍ଦର ସାମାଜିକ ପ୍ରାଣୀ ଭାବେରେ ଏମାନେ ଶାନ୍ତିପୂର୍ଣ୍ଣ ସହବସ୍ଥାନ କରନ୍ତି । ଏମାନେ ଭାରି ସ୍ୱାଭିମାନୀ ଓ ଶାନ୍ତି ପ୍ରିୟ । ପରସ୍ପର ଭିତରେ ଭାଇଚାରା ରକ୍ଷା କରନ୍ତି । ସବୁଠାରୁ ମଜାକଥା, ଏମାନଙ୍କର ସାଥୀ ଚୟନ ପ୍ରକିୟା ସବୁଠାରୁ ସ୍ୱତନ୍ତ୍ର । ବସନ୍ତ ଋତୁରେ ପୁରୁଷ ଚଢେଇ ନିଜର ସାଥୀଖୋଜେ ଓ ପସନ୍ଦ ଯୋଗ୍ୟ ସାଥୀଟିଏ ପାଇଗଲେ ନିଜ ତରଫରୁ ପ୍ରଥମେ ପ୍ରସ୍ତାବ ଦିଏ । ପୁରୁଷ ଚଢେଇର କଳା, କଳା-କୌଶଳ, ସାମର୍ଥ୍ୟ ଆକଳନ କରିବାକୁ, ସ୍ତ୍ରୀ ଚଢେଇ ତାର ମନ ପସନ୍ଦର ବସା ତିଆରି କରିବାକୁ ସର୍ତ୍ତ ରଖେ । ସର୍ତ୍ତ ମୁତାବକ ଘର ପସନ୍ଦ ହେବ ତ ରାଜି, ନଚେତ ନାହିଁ । ଘରଟି ଜୀବନ ସାଥୀର ପସନ୍ଦ ହେବାର ଶତ ପ୍ରତିଶତ ଗ୍ୟାରେଣ୍ଟି ବି ନଥାଏ । ତେଣୁ ପୁରୁଷ ବାୟା, ସାଥୀକୁ ମନାଇବା ପାଇଁ ତିନି ପ୍ରକାର ବିଭିନ୍ନ ଆକୃତିର ଘର ତିଆରି କରିଥାଏ ।

ସୁରକ୍ଷା ଦୃଷ୍ଟିରୁ କଣ୍ଟା ଯୁକ୍ତ ଗଛ ବାୟାର ପଥମ ପସନ୍ଦ । ତେବେ ତାଳ, ନଡ଼ିଆ ଓ ଖଜୁରୀ ଗଛକୁ ମଧ୍ୟ ବାୟା ପସନ୍ଦ କରିଥାଏ। ଗଛ ନିକଟରେ ଜଳାଶୟ, ଶସ୍ୟକ୍ଷେତ୍ର ଓ ଖୋଲପଡ଼ିଆକୁ ଏମାନେ ପ୍ରାଥମିକତା ଦିଅନ୍ତି। ଗୋଟିଏ ଗଛରେ ପ୍ରାୟ କୋଡିଏଟି ବସାରେ ଏକ ପକ୍ଷୀ କଲୋନୀ ତିଆରି ହୁଏ । ସମସ୍ତ ପୁରୁଷ ଚଢେଇ ଏକା ବେଳେକେ ,ବସା ତିଆରି କାମରେ ଲାଗି ପଡନ୍ତି ।

ପ୍ରତିଯୋଗିତା ମୂଳକ ଭାବେ ନିଜର ସ୍ୱତନ୍ତ୍ର ସ୍ଥାପତ୍ୟ କଳା ପ୍ରଦର୍ଶନ କରନ୍ତି ଯାହାକୁ କି ତାକୁ ସାଥୀକୁ ମନାଇବାରେ ସାହାଯ୍ୟ କରିଥାଏ । ବସାଟି ବାହାରକୁ ଏକା ଭଳି ଦେଖା ଯାଉଥିଲେ ମଧ୍ୟ, ଏହା ଅଲଗା ଅଲଗା ଆକୃତିର ହୋଇଥାଏ । ଏଥିରେ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଓ ଶାବକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଥିବା କୋଠରୀମାନ ଥାଏ

ବାୟା ଚଢେଇ ବସାତିଆରି ପାଇଁ ପ୍ରଥମେ ବିଭିନ୍ନ ଗଛର ପତ୍ରରୁ ସୁତା ପ୍ରସ୍ତୁତି କରେ । ଏଥିରେ ମୁଖ୍ୟତଃ ତାଳ, ଖଜୁରି ଓ ଘାସ ଅନ୍ୟାନ୍ୟ ଗଛର ପତ୍ରରୁ ସଂଗୃହୀତ ହୁଏ । ଗୋଟିଏ ବସା ତିଆରି କରିବାକୁ, ବାୟା ଚଢେଇକୁ ପ୍ରାୟ ଅଠର ଦିନ ଲାଗିଯାଏ । ବସା ତିଆରିର ଉପକରଣ ସଂଗ୍ରହ କରିବାକୁ , ବାୟାକୁ ପାଞ୍ଚଶତ ଥର ଉଡାଣ ଭରିବାକୁ ପଡେ।

ପ୍ରଥମେ ସୁତା ତିଆରି ପ୍ରକ୍ରିୟା ବେଶ୍ କଷ୍ଟଦାୟକ। ପଚାଶରୁ ଷାଠିଏ ସେଣ୍ଟିମିଟର ସୁତା ଗୁଡିକ ବୁଣିବା ଉପଯୋଗି କରିବାକୁ ତାକୁ ବାରମ୍ବାର ଅଣ୍ଟ ଓ ପାଦ ସାହାଯ୍ୟରେ ପଲିସ୍ କରିବାକୁ ପଡେ। ତାପରେ ବୁଣିବା କାମ ଆରମ୍ଭ ହୁଏ । ଶକ୍ତିଶାଳୀ ଅଣ୍ଟ ଓ ପାଦ ସାହାଯ୍ୟରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବସା ତିଆରି ସମାପ୍ତ ହୁଏ । ବାୟାର ବସାତିଆରି କୌଶଳ ସର୍ବୋତ୍ତମ ଓ ଏହା ଅନ୍ୟ କୌଣସି ପକ୍ଷୀ ପାଖରେ ନଥାଏ ।

ବସା ତିଆରରେ ବ୍ୟସ୍ତ ରହି ବାୟା ନିଜର ଖାଦ୍ୟ ଗ୍ରହଣ ବି ଠିକ୍ ଭାବେ କରେ ନାହିଁ



କିନ୍ତୁ ଏଥିରେ, ସ୍ତ୍ରୀ ଚଢେଇର କୌଣସି ଭୂମିକା ନଥାଏ । ପୁରୁଷ ସାଥୀ ନିଜର ସାଥି ପାଇଁ ଅଖିଆ ଅପିଆ କାମରେ ଲାଗି ଥିଲାବେଳେ , ସ୍ତ୍ରୀ ଚଢେଇ ନିଜେ ଖାଦ୍ୟ ସଂଗ୍ରହ କରିବା ସହିତ ବସା ତିଆରି ଉପରେ ମଧ୍ୟ ନଜର ରଖିଥାଏ । ବସାଟି ହୁଏତ ସାଥୀର ପସନ୍ଦ ଯୋଗ୍ୟ ହୋଇ ନପାରେ ଏଇ ଆଶଙ୍କାରେ ପୁରୁଷ ବାୟା ବିଭିନ୍ନ ଡିଜାଇନର ତିନୋଟି ବସା ତିଆରି କରେ।

ବସା ସମ୍ପୂର୍ଣ୍ଣ ହେଲେ ସ୍ତ୍ରୀ ବାଇ ଚଢେଇଟି ବସାଟିକୁ ତନ୍ନତନ୍ନ କରି ପରୀକ୍ଷା କରେ ଓ ଦରକାର ପଡ଼ିଲେ ସେ ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ପୁରୁଷ ସାଥୀକୁ ନିର୍ଦ୍ଦେଶ ଦିଏ । ପ୍ରାୟତଃ ତିନୋଟି ବସାରୁ ଗୋଟିଏ ବସା ନିଶ୍ଚିତ ପସନ୍ଦ ହୋଇଥାଏ । ଅନାଗତ ଶାବକ ମାନଙ୍କ ସୁରକ୍ଷାକୁ ଆଖିରେ ରଖି ଦୁଇ ସାଥି, ଏକତ୍ର ମିଶି ବସାଟିର ଚୂଡାନ୍ତ ରୂପ ଦିଅନ୍ତି ।

ବନମାଟି ଓ ଗୋବରର ଏକ ସ୍ୱତନ୍ତ୍ର ପ୍ରଲେପ ତିଆରି କରି ବସାର ଭିତର ପଟେ ଲଗାଇ ଦିଆଯାଏ । ଯାହାଦ୍ୱାରା ବସାଟି ଶୀତତାପ ନିୟନ୍ତ୍ରିତ ହୋଇଯାଏ । ବସାଟି ସଂଯୁକ୍ତ ହୋଇଥିବା ବାହୁଙ୍ଗା କିମ୍ବା ଡାଳଟି ପୁରୁଣା କିମ୍ବା କ୍ଷୟକ୍ଷତି ହେବାର ଆଶଙ୍କା ହେଲେ ବାୟାଦମ୍ପତି ପୁନର୍ବାର ଉପରେ ଥିବା ଅପେକ୍ଷାକୃତ କଞ୍ଚା ଡାଳରେ ଲଗାଇ ଦିଅନ୍ତି ।

ବର୍ଷାଋତୁରେ, ବାଇ ଚଢେଇ ସାଧରଣତଃ ଦୁଇରୁ ଚାରିଟି ଅଣ୍ଡା ଦେଇଥାଏ ଯାହାକି ଫୁଟିବା ପାଇଁ ଚଉଦରୁ ସତର ଦିନ ସମୟ ଲାଗିଥାଏ । ପକ୍ଷୀ ଦମ୍ପତି ମିଳିମିଶି ଶାବକ ମାନଙ୍କର ଜନ୍ମ ଓ ଲାଳନ ପାଳନ କରନ୍ତି । ଶାବକ ମାନେ ୩ ସପ୍ତାହର ହୋଇଗଲେ ଉଡାଣକ୍ଷମ ହୁଅନ୍ତି ଓ ନିଜେ ଖାଦ୍ୟ ସଂଗ୍ରହ କରନ୍ତି । ଥରେ ବସାରୁ ଉଡିଗଲା ପରେ ସେମାନଙ୍କୁ ପୁନର୍ବାର ଆଉ ବସା ଭିତରକୁ ଯିବାକୁ ଅନୁମତି ମିଳେନାହିଁ । ଅନ୍ୟ ଦୁଇଟି ବସା ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦିଆଯାଏ । ବାୟା ଭାରୀ ସ୍ୱାଭିମାନୀ । ସେ ଅନ୍ୟର ଖାଲି ପଡିଥିବା ବସାକୁ ଆଦୌ ବ୍ୟବହାର କରେ ନାହିଁ।

ପକ୍ଷୀ ବିଶେଷଜ୍ଞମାନେ ଜାଣି ପାରିଛନ୍ତି,ଏହି କ୍ଷୁଦ୍ର ଅଥତ ସୁନ୍ଦର ପକ୍ଷୀ ପାଖରେ ଅନେକ ଆଶ୍ଚର୍ଯ୍ୟଜନକ ଗୁଣ ଅଛି ଯାହାକି ମଣିଷ ପାଖରେ ନାହିଁ । ସେମାନେ ଭାରି ମେଳାପୀ ଓ ବନ୍ଧୁବତ୍ସଳ । ସେମାନେ ମଣିଷପରି ପରସ୍ପର ଭିତରେ ଆଦୌ ଲଢାଇ, ଝଗଡା କରନ୍ତି ନାହିଁ କିମ୍ବା ଅନ୍ୟ କାହାର ସମ୍ପତ୍ତି ହଡପ କରନ୍ତି ନାହିଁ । ପରିବେଶ କ୍ଷୟ , ବିଶେଷ କରି ତାଳଗଛର ଅଭାବ,କୃଷିରେ କୀଟନାଶକ ପ୍ରୟୋଗ,ମୋବାଇଲ ଟାୱାର ଯୋଗୁଁ ଏହି ସୁନ୍ଦର ପ୍ରଜାତିର ପକ୍ଷୀଟି ଏବେ ବିଲୁପ୍ତିର ଦ୍ୱାରଦେଶରେ ।

ବଳପୂର୍ବକ କାହାର ଖାଦ୍ୟ, ବାସଗୃହ ଅଧିକାର ନ କରିବା ଓ ଏକକ ସାଥି ଚୟନ ପ୍ରକ୍ରିୟା ଗୁଣ ଆଦି, ଏହି ପକ୍ଷୀ ମାନଙ୍କର ବିଶେଷତ୍ୱ । ଏକ କର୍ମପ୍ରବଣ କୋମଳ ମନ, ସୁନ୍ଦର ହୃଦୟ, ଏକ ଦୃଢ଼ ସାମାଜିକ ଭିତ୍ତିଭୂମି ଉପରେ ସେମାନେ ଜୀବନର ଭରପୂର ମଜା ଉଠାନ୍ତି ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

## ଗ୍ରୀନ୍‌ଲ୍ୟାଣ୍ଡରେ ଦେଖାଯାଆନ୍ତି ନାହିଁ ପିମ୍ପୁଡ଼ି

ପୃଥିବୀର ଏମିତି କିଛି ସ୍ଥାନ ଅଛି ଯେଉଁଠି ପିମ୍ପୁଡ଼ି ଦେଖିବାକୁ ମିଳେନାହିଁ। ପରିସଂଖ୍ୟାନ ଅନୁସାରେ ପୃଥିବୀରେ ୧୨ ହଜାରରୁ ଅଧିକ ପ୍ରଜାତିର ପିମ୍ପୁଡ଼ି ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କଳା, ବାଦାମୀ ଓ ନାଲି ରଙ୍ଗର। ବିଶ୍ୱରେ ଦେଖାଯାଉଥିବା ଅନେକ ପିମ୍ପୁଡ଼ି ମଧ୍ୟରୁ କିଛି ବିଷାକ୍ତ ମଧ୍ୟ ଅଛନ୍ତି। ବିଶ୍ୱରେ ଏପରି ଏକ ସ୍ଥାନ ଅଛି ଯେଉଁଠାରେ ଗୋଟିଏ ବି ପିମ୍ପୁଡ଼ି ଦେଖିବାକୁ ମିଳେ ନାହିଁ।



ଏହା ହେଉଛି ଗ୍ରୀନ୍‌ଲ୍ୟାଣ୍ଡ୍। ଏହା ବିଶ୍ୱର ସବୁଠାରୁ ବଡ଼ ଦ୍ୱୀପ। ଏଠାକାର ଜଳବାୟୁ ବହୁତ ଥଣ୍ଡା କାରଣରୁ ଏଠାରେ ପିମ୍ପୁଡ଼ି ବଞ୍ଚିପାରନ୍ତି ନାହିଁ। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ ଥଣ୍ଡା ପାଣିପାଗ ଏବଂ ଜଳବାୟୁ ପିମ୍ପୁଡ଼ି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ବରଫାବୃତ ଆଣ୍ଟାର୍କଟିକାରେ ମଧ୍ୟ ଏହି କାରଣରୁ ପିମ୍ପୁଡ଼ି ଦେଖିବାକୁ ମିଳେ ନାହିଁ। ବୈଜ୍ଞାନିକଙ୍କ କହିବାନୁସାରେ, ଏହି ସ୍ଥାନଗୁଡ଼ିକରେ ପିମ୍ପୁଡ଼ି ପାଇଁ କୌଣସି ଖାଦ୍ୟ ଶୃଙ୍ଖଳ ନାହିଁ।

ନବବର୍ଷର ଅଭିନନ୍ଦନ
ନୂତନ ବର୍ଷ ୨୦୨୫ ଆପଣଙ୍କର ସବୁ ସ୍ୱପ୍ନକୁ ସାକାର କରିବାରେ ସହାୟକ ହେଉ ଏହାହିଁ ପ୍ରଭୂ ଜଗନ୍ନାଥ ଓ ମା ଦକ୍ଷୀଣ କାଳୀଙ୍କ ନିକଟରେ ପ୍ରାର୍ଥନା।

ଅମୂଲ୍ୟ କିଶୋର ବରାଳ (ଲିପୁ)
ଯୁବ ସମାଜସେବୀ
ବଡ଼ହାଟ, ଦୁଗଲ ଗ୍ରାମ ପଞ୍ଚାୟତ, ସତ୍ୟବାଦୀ, ପୁରୀ

ନବବର୍ଷର ଅଭିନନ୍ଦନ
ନୂତନ ବର୍ଷ ଆପଣଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଦେଉ ଏତିକି କାମନା। ଜୟ ଗୋପାଳ।

ଦୀପକ କୁମାର ଶତପଥୀ (ଟୁଟୁ)
ସମ୍ପାଦକ
ସତ୍ୟବାଦୀ ମହୋତ୍ସବ କମିଟି

ନବବର୍ଷର ଅଭିନନ୍ଦନ
ନବବର୍ଷ ୨୦୨୫ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧି ଆଣିଦେଉ। ସମାଜରେ ଦୁଃସ୍ଥିତିରେ ଥିବା ବୃଦ୍ଧ ବୃଦ୍ଧା ମାନଙ୍କୁ ସମ୍ମାନଜନକ ଜୀବନ ବଞ୍ଚିବାର ଅବସର ମିଳୁ।

ସୁରେଶ କୁମାର ନନ୍ଦ
ସଭାପତି,
ହୋପ୍ ଇଜ୍ ଲାଇଫ୍ ଚାରିଟେବୁଲ ଟ୍ରଷ୍ଟ,
ପୁରୀ

ନବବର୍ଷର ଅଭିନନ୍ଦନ
ନବବର୍ଷ ୨୦୨୫ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ, ସମସ୍ତେ ସୁଖ ଶାନ୍ତିରେ ରୁହନ୍ତୁ, ପ୍ରଭୁ ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥଙ୍କ ପାଖରେ ଏତିକି କାମନା।

ଚିନ୍ମୟ କୁମାର ରାଉତ (ବାବୁନା)
ସରପଞ୍ଚ, ପେଣ୍ଟପଡା ଗ୍ରାମ ପଞ୍ଚାୟତ,
ସତ୍ୟବାଦୀ, ପୁରୀ।

# Use or Misuse? The Exploitation of Resources



Nihar Ranjan Acharya

Exploitation of resources has often walked a fine line between necessity and misuse. When we ignore sustainable practices, the consequences are dire, impacting the environment and future generations. Below are some key areas where the misuse of resources is evident:

1. Deforestation in the Name of Development

- Cutting down old, ecologically significant trees for road construction and beautification.
" - Urban expansion without replantation policies leads to loss of biodiversity and disruption of ecosystems.

2. Mining Activities " - Large-scale mining projects devastate landscapes, destroy forests, and displace local communities. "
- Open-pit mining and sand mining significantly affect groundwater and soil quality.

3. Overfishing

- Huge fishing operations deplete marine populations, threatening species with extinction.
- Disruption of aquatic ecosystems, affecting the food chain and livelihoods of small-scale fishers.

4. Water Misuse




- Excessive extraction of groundwater for industries leads to water scarcity.
- Inefficient irrigation methods in agriculture waste enormous amounts of fresh water.

5. Overuse of Fossil Fuels

- Non-renewable energy sources are heavily relied upon, leading to air pollution and climate change.
- Oil spills and coal mining cause irreversible ecological damage.

6. Industrial Waste and Pollution " - Industries dump untreated waste into rivers, lakes, and oceans, polluting water resources.
- Excessive emissions from factories contribute to global warming.

7. Overuse of Agricultural Land

- Monocropping and overuse of fertilizers degrade soil quality and reduce agricultural productivity.
- Clearing of forests for farming contributes to habitat destruction.

8. Urbanization and Land Use Changes

- Wetlands and natural flood barriers are reclaimed for real estate and infrastructure projects.
- Loss of green spaces in cities, increasing the urban heat island effect.

9. Overproduction and Consumerism

- Large-scale manufacturing of unnecessary goods leads to resource depletion.
- Single-use plastics and fast fashion contribute to environmental degradation.


10. Tourism and Overcrowding in Natural Areas

- Excessive tourism puts pressure on natural habitats, leading to pollution and resource overuse.
- Development of resorts in fragile ecosystems disrupts local flora and fauna.

Call to Action

The line between use and misuse of resources depends on our intent and practices. Sustainable development should guide our actions. Protecting and replenishing resources through responsible policies, education, and innovative technologies can ensure a balanced relationship between development and environmental preservation.

*Science Communicator and Environmentalist, Scientific Officer, Indian Climate Congress*
*Founder and Working Director, TRUST - a Science and Environment Lover Organization*
*Ph. 8249775817*
*Email: niharacharya1973@gmail.com*




ବନ୍ଧନ ପରିବାର ତରଫରୁ ଆପଣମାନଙ୍କୁ ନୂତନ ବର୍ଷ ୨୦୨୫ର ହାର୍ଦ୍ଦିକ ଅଭିନନ୍ଦନ



# ଓଡ଼ିଆ ଖାଦ୍ୟ ଖାଇବେ ପ୍ରବାସୀ ଭାରତୀୟ: ପ୍ରଭାତୀ ପରିଡ଼ା




ଭୁବନେଶ୍ୱର (ଭିଓଭି) : ଭୁବନେଶ୍ୱର ଜନତା ମୈଦାନରେ ଅନୁଷ୍ଠିତ ହେବ ତିନି ଦିନିଆ ପ୍ରବାସୀ ଭାରତୀୟ ଦିବସ୩ ସମ୍ମିଳନୀ। ଆସନ୍ତା ୮ରୁ ୧୦ ଯାଏ ଏହି ସମ୍ମିଳନୀ ଚାଲିବ।ଏଥିପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ପର୍ଯ୍ୟଟନ ବିଭାଗ ବି ଏଥିଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜ୍ୟ ସରକାରଙ୍କ ସବୁ ବିଭାଗ ସହଯୋଗରେ ଚାଲିଛି ପ୍ରସ୍ତୁତି। ଏ ନେଇ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। ସମ୍ମିଳନୀ ସମୟରେ ଭୁବନେଶ୍ୱରରେ ପଥ ଉତ୍ସବ ଚାଲିବ। ପୁରୀରେ ସିବିଚ୍ ଫେଷ୍ଟିଭାଲ ଚାଲିବ। ରାଜ୍ୟର କଳା ସଂସ୍କୃତି ସମେତ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯିବ। ବୁଦ୍ଧିଷ୍ଟ କରିଡ଼ର ହେଉ ବା ସ୍ପିରିଚୁଆଲ ଟୁରିଜିମ୍ ସବୁ କିଛି ବ୍ୟବସ୍ଥା ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରବାସୀ ଭାରତୀୟଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲାଇ ଦେଖାଯିବ। ଏଥିପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ କହି ପାରୁଥିବା ଗାଇଡ୍ ? ରହିବେ। ଯେଉଁ ହୋଟେଲରେ ପ୍ରବାସୀ ଭାରତୀୟ ରହିବେ, ସେସବୁ ହୋଟେଲର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ସେଠାରୁ ବିଭିନ୍ନ ସ୍ଥାନକୁ କିଭଳି ଡବଲ ଡେକର ଗାଡ଼ିରେ ବୁଲିପାରିବେ ଅତିଥି, ତାହା ମଧ୍ୟ ସୁନିଶ୍ଚିତ କରାଯାଇଛି। ଅଢ଼େଇ ହଜାର ପ୍ରବାସୀ ଭାରତୀୟ ଓଡ଼ିଶା ଆସିବା ପାଇଁ ପଞ୍ଜିକରଣ କରି ସାରିଛନ୍ତି। ଆଉ କିଛି ପ୍ରବାସୀ ଭାରତୀୟ ଓଡ଼ିଆ ଲୋକଙ୍କ ଘରେ ହୋମ ଷ୍ଟେ’ ରେ ରହିବେ। ଓଡ଼ିଆ ଘରର ଖାଦ୍ୟ ଖାଇବେ। ଓଡ଼ିଶାର ଖାଦ୍ୟ ପ୍ରଣାଳୀ, ଓଡ଼ିଶାର ଆତିଥେୟତା ବିଶ୍ୱ ଦରବାରରେ ଦେଖାଇବାର ଆମ ପାଇଁ ବଡ଼ ସୁଯୋଗ ଆସିଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

# ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହେଲେ ମନୋଜ କୁମାର ସାହୁ



ଭୁବନେଶ୍ୱର (ଭିଓଭି): ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ୨୦୦୬ ବ୍ୟାଚ୍ ଏଜିଏମୟୁଟି କ୍ୟାଡ଼ରର ଆଇଏଏସ୍ ମନୋଜ କୁମାର ସାହୁଙ୍କୁ ଆଜି ନିଯୁକ୍ତି ମିଳିଛି। ରାଜ୍ୟ ସରକାରଙ୍କ ଅନୁରୋଧରେ ଶ୍ରୀ ସାହୁଙ୍କୁ କେନ୍ଦ୍ର ସରକାର ଗତମାସରେ ଓଡ଼ିଶାକୁ ପଠାଇଥିଲେ। ଶ୍ରୀ ସାହୁ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ପ୍ରାୟ ୩ବର୍ଷ ଧରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ ତୁଲାଇଥିଲେ । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଶ୍ରୀ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସେ ଆଇଏଏସ୍ କ୍ୟାଡ଼ରରେ ସ୍ୱତନ୍ତ୍ର ସଚିବ ପାହ୍ୟାର ସୁବିଧାସୁଯୋଗ ପାଇବେ । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଅରିନ୍ଦମ ଡାକୁଆଙ୍କୁ ଗୁରୁବାର ବଦଳି କରାଯିବା ପରେ ଏହି ପଦବୀ ଖାଲି ପଡ଼ିଥିଲା । ଅବଶ୍ୟ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶପଥ ନେବା ପରେ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହେବେ ବୋଲି ଚର୍ଚ୍ଚା ହୋଇଥିଲା । ମାତ୍ର ସେତେବେଳେ ସେ ଡେପୁଟି ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଥିବାରୁ ତାଙ୍କ ନିଯୁକ୍ତିରେ ବିଳମ୍ବ ହୋଇଥିଲା । ଶ୍ରୀ ସାହୁ ଗତମାସରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ ଯୋଗଦେବା ପରେ ଆଜି ତାଙ୍କୁ ଏହି ନୂଆ ଦାୟିତ୍ୱ ନ୍ୟସ୍ତ ହୋଇଛି। ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକର ସିଙ୍ଗାରପୁର ଗାଁରେ ଜନ୍ମିତ ଶ୍ରୀ ସାହୁ ଭୁବନେଶ୍ୱରସ୍ଥିତ ଓୟୁଏଟି ବିଶ୍ୱବିଦ୍ୟାଳୟରୁ ବିଏସସି ଓ ଜୁନାଗଡ଼ କୃଷି ବିଶ୍ୱବିଦ୍ୟାଳୟରୁ ଏମଏସସି ଡିଗ୍ରୀ ହାସଲ କରିବା ପରେ ୨୦୦୬ ମସିହାରେ ଆଇଏଏସ୍ ଚାକିରିରେ ଯୋଗ ଦେଇଥିଲେ ।

# ପାରାଦୀପ୍ ବନ୍ଦର’ର ୬୪ତମ ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ହେଲା ୨୦ତମ ପାରାଦୀପ୍ ମାରାଥନ୍

## ପୁରୁଷ ବର୍ଗରେ ଅଶୋକ ଦଣ୍ଡସେନା ଓ ମହିଳା ବର୍ଗରେ ସୁସ୍ମିତା ଟିଗା ପ୍ରଥମ




ପାରାଦୀପ (ଭିଓଭି): ପାରାଦୀପ ବନ୍ଦରର ୬୪ତମ ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ଦିନ ୨୦ତମ ପାରାଦୀପ ମାରାଥାନ ଆୟୋଜିତ ହୋଇଥିଲା। ସକାଳେ ପାରାଦୀପ ହନୁମାନ ମନ୍ଦିର ନିକଟରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପତାକା ଦେଖାଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ପ୍ରତିଯୋଗୀମାନେ ବନ୍ଦର ସହରର ବିଭିନ୍ନ ଅଂଚଳ ବୁଲି ୧୪ କିଲୋମିଟର ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମରେ ପହଂଚିଥିଲେ । ସହରର ବିଭିନ୍ନ ସ୍ଥାନରେ ବନ୍ଦର ଅନ୍ତେବାସୀ ପ୍ରତିଯୋଗିମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱତଃପ୍ରବୃତ୍ତ ଭାବେ ଉତ୍ସାହିତ କରିଥିଲେ । ଚଳିତ ବର୍ଷ ପୁରୁଷ ବର୍ଗରେ ୩୨୫ ଜଣ ଓ ମହିଳା ବର୍ଗରେ ୬୩ଜଣ ମୋଟ ୩୮୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପୁରୁଷ ବର୍ଗରେ ଓଡିଶା ପୋଲିସ୍‌ର ଅଶୋକ ଦଣ୍ଡସେନା ପ୍ରଥମ, ଝାଡଖଣ୍ଡର ଅର୍ଜ୍ଜୁନ ଟୁଡୁ ଓ ସୋନପୁରତ ଦୟାନିଧି ମୁଣ୍ଡା ତୃତୀୟ ହୋଇଥିବା ବେଳେ ମହିଳା ବର୍ଗରେ ଓଡିଶା ପୋଲିସ୍‌ର ସୁସ୍ମିତା ଟିଗା ପ୍ରଥମ, ମୟୁରଭଂଜର ସଂନ୍ଧ୍ୟା ମୁର୍ମୁ ଦ୍ୱିତୀୟ ଓ କେନ୍ଦ୍ରାପଡାର ଦୀପ୍ତିରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଓଡିଶାର ଆନ୍ତର୍ଜାତୀୟ ଧାବିକା ଶ୍ରାବଣୀ ନନ୍ଦଙ୍କୁ କ୍ରୀଡାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସମ୍ବର୍ଦ୍ଧିତ କରିଥିଲେ । ଜାଗୃତି ଅନୁଷ୍ଠାନର ୫ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। ଗୋପବନ୍ଧୁ କ୍ରୀଡା ସଂସଦ ସଭାପତି ଡି.ଏନ୍.ସୋନ୍ଧିଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, କୋଷ୍ଟଗାର୍ଡ କମାଣ୍ଡର ସଂଜୟ ନେଗୀ, ଟ୍ରାଫିକ ଉପଦେଷ୍ଟା ଆଶିଷ ବୋଷ ଉପସ୍ଥିତ ଥିଲେ। କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା.ଦୂର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ରଂଜନରଶ୍ମୀ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଫୁଟବଲ୍ କୋଚ୍ ରବି ଦାସ ।

# ଫଗୁଦାସ ମଠ ଏବଂ ମଙ୍ଗଳା ମନ୍ଦିରର ଲକ୍ଷାଧିକ ଟଙ୍କା ସୁନା ଗହଣା ଚୋରୀ





କେନ୍ଦ୍ରାପଡା (ଭିଓଭି): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ଗୁଲନଗର ଗ୍ରାମ ପନ୍ଚାୟତର ରାମନଗର ପାଟଣା ଗ୍ରାମରେ ଥିବା ମଙ୍ଗଳା ମନ୍ଦିର ସମେତ ନାଉପାଳ ଗ୍ରାମରେ ଥିବା ସର୍ବ ପୁରାତନ ୫ଶହ ବର୍ଷର ଫଗୁଦାସଙ୍କ ମଠ ବା ପୀଠ ପରିସରରୁ ଲକ୍ଷାଧିକ ଟଙ୍କାର ଠାକୁରଙ୍କ ହୁଣ୍ଡି ଭାଙ୍ଗି ଟଙ୍କା ସୁନା ଲୁଟ ହୋଇଥିବା ସୁଚନା ମିଳିଛି । ମନ୍ଦିର ପରିସରରେ ଥିବା ଠକୁରଙ୍କ ପ୍ରତି ମୁର୍ତିରେ ଲାଗିଥିବା ୫ଟି ସୁନା ମୁକୁଟ ସହିତ ଠାକୁରଙ୍କ ଆଖିରେ ଲାଗିଥିବା ସୁନାର ଆଖି ଓ ‘ମା‘ଙ୍କ ବେକରେ ‘ମା‘ ପିନ୍ଧିଥିବା ସୁନାର ହାର, ମାଳ ଏବଂ ମନ୍ଦିର ପରିସରରେ ଠାକୁରଙ୍କୁ ଭକ୍ତମାନେ ଦାନ କରିଥିବା ବିଭିନ୍ନ ସୁନା ସାମଗ୍ରୀ, ଟଙ୍କା ଗୁଡିକୁ ଦୁର୍ବୃତ ମାନେ ତାଲା ଭାଂଗି ଲୁଟି ନେଇଥିବା ସଦର ଥାନାରେ ଦୁଇ ଗ୍ରାମବାସୀଙ୍କ ସମେତ ମଠ ଓ ମନ୍ଦିର କମିଟି ପକ୍ଷରୁ ଲିଖିତ ଅଭିଯୋଗ କରାଯିବା ପରେ ସଦର ପୋଲିସ ସନ୍ଧାନୀ କୁକୁର ସାଇଣ୍ଟିଫିକ୍ ଟିମ୍ ସହିତ ସଦଳବଳ ଘଟଣା ସ୍ଥଳରେ ପହନ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିବା ସଦର ଥାନା ଅଧିକାରୀ ଶ୍ରୀଯୁକ୍ତ ବିମଳ ପ୍ରସାଦ ମଲ୍ଲିକ୍ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି ।

# ସତ୍ୟବାଦୀ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲେ ଅଙ୍ଗନବାଡ଼ି ସଂଘ



କଣାସ (ଭିଓଭି): ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଙ୍କୁ କଣାସ ବ୍ଲକ୍ ର ଅଙ୍ଗନବାଡ଼ି ସଂଘ, ସରପଞ୍ଚ ଓ ସମିତି ସଭ୍ୟ ମାନେ, ବିଭିନ୍ନ ସରକାରୀ ଅଫିସ ର କର୍ମଚାରୀ ମାନେ ବିଧାୟକ ଙ୍କ ବାସଭବନ ରେ ପହଞ୍ଚି ଫୁଲତୋଳା ଦେଇ ନବବର୍ଷ ଉପଲକ୍ଷେ ବିଧାୟକ ଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ସମସ୍ତ ଙ୍କୁ ମିଠା ଖୁଆଇ ଆପ୍ୟାୟିତ କରିଥିଲେ। କଣାସ ଅଙ୍ଗନବାଡ଼ି ସଂଘ ର ସଭାପତି ପ୍ରତିମା ମଂଜରୀ ଦତ୍ତ,ସିଡିପିଓ ସସ୍ମିତା ମହାନ୍ତି, ଜଳସେଚନ ବିଭାଗର ବରିଷ୍ଠ ଯନ୍ତ୍ରୀ ମକର ବେହେରା, ଗ୍ରାମ ଉନ୍ନୟନ ବିଭାଗ ବରିଷ୍ଠ ଯନ୍ତ୍ରୀ ଶୁଶାନ୍ତ କୁମାର ପାଢ଼ୀ, ପୂର୍ବତନ ଆମ୍ବା ଆଧକ୍ଷ ସଂଜୟ ଭୋଳ, ସାହୁପଡା ସରପଂଚ ଭିକାରୀ ବଳିୟାର ସିଂହ , ବିଜେପି ର ଶହଶହ କର୍ମକର୍ତା ପ୍ରମୁଖ ସ୍ୱାଗତ କରିଥିଲେ। ସେହିପରି ବିଜୟ ବିହାର ପରିସରରେ ପୁନ୍ୟତୋୟା ଦୟା ଫାଉଣ୍ଡେସନ(ପିଡିଏଫ) ପକ୍ଷରୁ ନବ ବର୍ଷ କୁ ସ୍ୱାଗତ କରିବା ପାଇଁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଯାଇଛି।

# ୩ ମହାବଳ ବାଘ ଓଡ଼ିଶା ଆସିବେ: ମନ୍ତ୍ରୀ



ଭୁବନେଶ୍ୱର, (ଭିଓଭି): ବାଘୁଣୀ ଜିନତର ସ୍ୱାସ୍ଥ୍ୟାବସ୍ଥା ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ସୂଚନା ପ୍ରଦାନ କରିଛନ୍ତି । ମନ୍ତ୍ରୀ କହିଛନ୍ତି, ଜିନତ ଏବେ ଶିମିଳିପାଳ ଏନ୍‌କ୍ଲୋଜରରେ ଅଛି । ଜିନତ ବର୍ତ୍ତମାନ ସୁସ୍ଥ ଅଛି । ଜଳକ୍ରୀଡ଼ା କରୁଛି। ସ୍ୱାଭାବିକ ଭାବେ ଖାଦ୍ୟ ଖାଉଛି। ସେ ଚହଲା ଏନ୍‌କ୍ଲୋଜରରେ ଅଛି । ତାକୁ ଶିମିଳିପାଳର ଦକ୍ଷିଣ ଭାଗରେ ଛଡ଼ାଯିବ। ଯମୁନା ମଧ୍ୟ ସେଠାରେ ରହୁଛି । ଖୁବ୍‌ଶୀଘ୍ର ଆଉ ୩ ମହାବଳ ବାଘ ଓଡ଼ିଶା ଆସିବେ। ଏନେଇ ଆଲୋଚନା ଜାରି ରହିଥିବା ମନ୍ତ୍ରୀ କହିଛନ୍ତି। ସେମାନଙ୍କୁ ଦେବ୍ରିଗଡ଼ ଅଭୟାରଣ୍ୟରେ ଛଡ଼ାଯିବ। ୫ ମହାବଳ ବାଘ ଭିତରୁ ଯମୁନା ଓ ଜିନତ ଆସି ସାରିଛନ୍ତି । ଏଦୁଇ ମହାବଳ ବାଘ ପରିବେଶ ସହିତ ସମ୍ପୂର୍ଣ୍ଣ ଭାବେ ଖାପ ଖୁଆଇଲା ପରେ ପରବର୍ତ୍ତି ସମୟରେ ୩ ମହାବଳ ବାଘ ଆଣିବାକୁ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି ।

# TRIALS IN SOCIAL MEDIA VIS-A-VIS VOICE OF ACCUSED-VICTIMS

"MEDIA TRIAL" is a phrase describing the impact of television and print media coverage on a case through an attempt by the media to hold the accused guilty even before the trial begins. The social media usually portrays the accused as a villain not based on facts, but only to sensationalize the news which causes damage to the dignity of the accused. Media through their trial attempts to reincarnate itself into a 'public court' and interfere with court proceedings. It fails to analyze the vital gap between an accused and a convict keeping at stake the golden principles of 'presumption of innocence until proven guilty' and 'guilt beyond reasonable doubt'.In such a situation though an accused became a victim, but we never bother for the same.

Social media trial is an intrusion and an ethical breach. It has become a trend that sometimes social media performs the function of the judiciary/ investigating agency to find out the truth. The public supports the trend of trial by media. With the help of social media, each person can indulge in freely giving their opinions without any communication barrier. The absence of any communication barrier reflects that the opinions or views expressed are at a global portal and these opinions might play an effective role in framing the views of others.

The common problems are like by publishing inadmissible and untrustworthy evidence and bringing it into the public domain. The media could bring facts to the attention of the investigating agency/judgethat cannot be taken into consideration when investigating or adjudicating the matter. Social media causes defamation to persons who are acquitted from the Courts on grounds of in sufficient evidence or proof beyond a reasonable doubt. In cases of a sexual offensesometimes the explicit description of the ordeal on television creates mental torture to the victimbyplacing initial statements of the victim in verbatim form in public domain. Thus it is evident that media trials lead to a breach of privacy, a bias in public opinion as well as interferes with the sentencing process of the court. Due to this the accused, instead of being assumed innocent is presumed to be a criminal and during that time the voice of the accused-victim became unheard. It not only interferes with the "administration of justice" but also propagates a false message to society. The society starts forming their opinions based on their own notions rather than relying on the truth.

The social media has immense power and if the power is misused it can severely harm a nation. The onus of responsibility falls on the individuals themselves to check and ensure that no harm is committed and also the public should be more media literate and understand fact from fiction.



**Sanjaya Kumar Sahoo**
**M.Sc., M.A, LL.M.**
**Director Legal Affairs, SOA**
**Former District & Sessions Judge.**
**Bhubaneswar.**
**Ph:8270203063**
**E-Mail: sksahoo.judiciary@gmail.com**

The widespread use of social media in the community now a days prevailing attitudes that social media discussions are less 'official' than a traditional press and ready access to jurors'.

## ପିତାମାତାଙ୍କର ଯତ୍ନ ନ ନେଲେ ସମ୍ପତ୍ତି ଫେରସ୍ତ ହେବ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ଯେଉଁ ପିଲାମାନେ ବୃଦ୍ଧ ପିତାମାତାଙ୍କଠାରୁ ସମ୍ପତ୍ତି ସେମାନଙ୍କ ନାମକୁ ସ୍ଥାନାନ୍ତର କରନ୍ତି କିମ୍ବା ସେମାନଙ୍କଠାରୁ ଉପହାର ଭାବେ ଏସବୁ ଗ୍ରହଣ କରି ପରେ ସେମାନଙ୍କୁ ପରିତ୍ୟାଗ କରନ୍ତି। ସେମାନଙ୍କୁ ଏବେ ଏବିଷୟରେ ସାବଧାନ ହେବାର ସମୟ ଆସିଛି। ଏ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ବର୍ତ୍ତମାନ ଯେଉଁ ସନ୍ତାନମାନେ ଏଭଳି କରିବେ ତାଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣ କରାଯିବ। ଏଭଳି ସନ୍ତାନମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ମିଳିଥିବା ସମ୍ପତ୍ତିକୁ ଫେରସ୍ତ କରିବାକୁ ପଡିବ। ସର୍ବୋଚ୍ଚ ଅଦାଲତର ଏହି ରାୟ ସମ୍ପୂର୍ଣ୍ଣ ସ୍ପଷ୍ଟ କରିଛି ଯେ, ବୃଦ୍ଧ ପିତାମାତାଙ୍କର ଯତ୍ନ ନେବାକୁ ପଡିବ। ସେମାନଙ୍କୁ ଅସହାୟ ଭାବେ ଛାଡିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସୁପ୍ରିମକୋର୍ଟଙ୍କ ଏହି ରାୟକୁ ଐତିହାସିକ ଏବଂ ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି। ସୁପ୍ରିମକୋର୍ଟଙ୍କ ରାୟରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ, ଯଦି ପିଲାମାନେ ସେମାନଙ୍କର ପିତାମାତାଙ୍କର ଯତ୍ନ ନେବାରେ ବିଫଳ ହୁଅନ୍ତି, ତେବେ ପିତାମାତାଙ୍କ ଦ୍ୱାରା ଦିଆଯାଇଥିବା ସମ୍ପତ୍ତି ଏବଂ ଉପହାରଗୁଡ଼ିକ ବରିଷ୍ଠ ନାଗରିକ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ ଅଧିନିୟମ ଆଧାରରେ ବାତିଲ ହୋଇପାରିବ। ପିତାମାତା ଏବଂ ବରିଷ୍ଠ ନାଗରିକ ଅଧିନିୟମ ଅନୁଯାୟୀ ଏହା କାର୍ଯ୍ୟକାରୀ ହେବ। ନିକଟରେ ସୁପ୍ରିମକୋର୍ଟ ବୃଦ୍ଧମାନଙ୍କ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି। ବୃଦ୍ଧମାନେ ଏଥିରୁ ଉପକୃତ ହେବାକୁ ଯାଉଛନ୍ତି। ଏହି ନିଷ୍ପତ୍ତି ପରେ ପିଲାମାନେ ସେମାନଙ୍କର ବୃଦ୍ଧ ପିତାମାତାଙ୍କର ଯତ୍ନ ନେବେ ଏବଂ ସେମାନଙ୍କ ସହିତ ଭଲ ଆଚରଣ କରିବେ ବୋଲି ଆଶା କରାଯାଉଛି। ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ଦେଇଛନ୍ତି ଯାହା ବରିଷ୍ଠ ନାଗରିକଙ୍କ ସ୍ୱାର୍ଥ ରକ୍ଷା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ସାଧାରଣତଃ ଦେଖାଯାଇଥାଏ ଯେ, ସମ୍ପତ୍ତି ଏବଂ ଉପହାର ପାଇବା ପରେ ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କ ଦ୍ୱାରା ଅବହେଳିତ ହୋଇଥାନ୍ତି । ସେମାନଙ୍କର ଯତ୍ନ ନିଆଯାଏ ନାହିଁ।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

ବନ୍ଧନ ପରିବାର ତରଫରୁ ଆପଣମାନଙ୍କୁ ନୂତନ ବର୍ଷ ୨୦୨୫ର ହାର୍ଦ୍ଦିକ ଅଭିନନ୍ଦନ




Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର